

ମନୁଷ୍ୟ ଯାହା ଚିନ୍ତା କରୁଥାଏ, ତା'ର ଚିନ୍ତାଧାରା ସେହି ଅନୁସାରେ ପ୍ରବାହିତ ହୁଏ।

-ଫ୍ରନ୍‌ସିସ୍ ବାକନ

## ସଂକ୍ଷେପରେ

### ବିଜେଡିର ହକ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ



**ବାଲିଆ, ୨୫।୩:** କେନ୍ଦ୍ରରେ ଏନ୍‌ଡିଏ ସରକାର ଗଠନ କରିବା ପରଠାରୁ ଓଡ଼ିଶାକୁ ସବୁ କ୍ଷେତ୍ରରେ ଅବହେଳା କରାଯାଉଛି। ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତାଠାରୁ ଆରମ୍ଭ କରି ମହାନଦୀ ପ୍ରସଙ୍ଗ ପର୍ଯ୍ୟନ୍ତ ସବୁଠି ଓଡ଼ିଶା କେନ୍ଦ୍ରୀୟ ଅବହେଳାର ଶିକାର ହୋଇଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ପ୍ରତିବାଦରେ ଦଳ ପକ୍ଷରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ବିରିଡ଼ି ଯୁବ ବିଜେଡି ସଭାପତି ପୁଷ୍ପ ପ୍ରକାଶ ପ୍ରଧାନଙ୍କ ସଭାପତିତ୍ୱରେ ଶଙ୍ଖପୁର ଓ ବାସନ୍ଦରା ପଞ୍ଚାୟତରେ ଏହି କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର କୁମାର ରାଉଳ, ବ୍ଲକ କୃଷକ ସାମୁଖ୍ୟ ସଭାପତି ବିଧାନ ଚନ୍ଦ୍ର ଜେନା, ପୂର୍ବତନ ଉପାଧ୍ୟକ୍ଷ ଶିବ ପ୍ରସାଦ ଜେନା, ପୂର୍ବତନ ସରପଞ୍ଚ କାଳନ୍ଦୀ ବସ୍ତିଆ, ଆମ୍ବା ଅଧକ୍ଷା ସବିତା ଦାସ, ମହିଳା ସଭାନେତ୍ରୀ ମହେଶ୍ୱତା ଜେନା, ପ୍ରବୀର ଦାସ, ବାଲିଆ ଗୋପୀନାଥପୁର ସଭାପତି ଅରବିନ୍ଦ ସାହୁ, ସରପଞ୍ଚ ଲକ୍ଷ୍ମୀଧର ଭୋଇ, ସମିତି ସଭ୍ୟ ମିନତୀ ମଲ୍ଲିକ, ସମୀର କୁମାର ଜେନା ପ୍ରମୁଖ ଯୋଗ ଦେଇ କେନ୍ଦ୍ରୀୟ ଅବହେଳା ସମ୍ପର୍କରେ କହିଥିଲେ। ସମିତି ସଭ୍ୟ କମଳା ଭୋଇ, ରଶ୍ମିରଞ୍ଜନ ରାଉତରାୟ, ଅରବିନ୍ଦ ରାୟ, ପ୍ରଦୀପ୍ତ ରାୟ, ଲିଙ୍କନ କୁମାର ଜେନା, ସହଦେବ ଜେନା, ଜ୍ୟୋତିର୍ମୟୀ ଜେନା, ବିନତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଇନ୍ଦିରା ସ୍ମାରକୀ ଯୁବକ ସଂଘର ଜଳଛତ୍ର

**ନାଉଗାଁ, ୨୫।୩( ସ୍ୱ.ପ୍ର.):** ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଇନ୍ଦିରା ସ୍ମାରକୀ ଯୁବକ ସଂଘ ପକ୍ଷରୁ ତିରୁଣା ପ୍ରାଥମିକ ବିଦ୍ୟାଳୟ ନିକଟରେ ସୋମବାର ଏକ ଜଳଛତ୍ର କେନ୍ଦ୍ର ଉଦଘାଟିତ ହୋଇଛି। ସାମାଜିକ କର୍ମୀ ହେମନ୍ତ କୁମାର ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଥିବାବେଳେ ରାସ୍ତା ପାର୍ଶ୍ୱରେ ପାନୀୟଜଳର କୌଣସି ସୁବିଧା ନାହିଁ। ଏହି ରାସ୍ତା ଦେଇ ବାଲିକୁଦା, ନାଉଗାଁ ଓ ମାଛଗାଁକୁ ଲୋକେ ଯାତାୟାତ କରିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ସଂଘ ପକ୍ଷରୁ ଜଳଛତ୍ର ଖୋଲାଯାଇଛି। ସଂଘର ସମ୍ପାଦକ ବିକାଶ ରଞ୍ଜନ ପରିଡା, କୋଷାଧ୍ୟକ୍ଷ ଦେବଦତ୍ତ ତ୍ରିପାଠୀ, କୃଷ୍ଣଚନ୍ଦ୍ର ନାୟକ ପ୍ରମୁଖ ଏହାକୁ ପରିଚାଳନା କରୁଛନ୍ତି।

### ସିଦ୍ଧେଶ୍ୱର ପୀଠରେ ରାମଚରିତ ମାନସ

**ବାଲିଆ, ୨୫।୩:** ବିରିଡି ବ୍ଲକ ଗୋଠପଦାସ୍ଥିତ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାପୁରୁଷଙ୍କ ପୀଠରେ ଏକବିଂଶ ବାର୍ଷିକ ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ ମହାଜ୍ଞାନ ଯଜ୍ଞ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଗୋଠପଦାର ଶ୍ରୀ ଶ୍ରୀ ରାମଦୟାଲ ପରିଷଦ କର୍ମକର୍ତ୍ତାମାନେ କହିଛନ୍ତି। ରବିବାର ଅଧିବାସ କାର୍ଯ୍ୟକ୍ରମ ସହ ଶ୍ରୀରାମଙ୍କ ବିଗ୍ରହ ସ୍ଥାପନ ଓ ପ୍ରାଣ ପ୍ରତିଷ୍ଠା ହୋଇଛି। ସନ୍ଧ୍ୟାରେ ରାମାୟଣ ବିଷୟ ବସ୍ତୁକୁ ନେଇ ପ୍ରବକ୍ତା ସନ୍ତୋସିନୀ ମିଶ୍ର, ରାମକଥା ସେବକ ପଣ୍ଡିତ ବସନ୍ତ କୁମାର ବିଶୋଇ, ପଣ୍ଡିତ ପ୍ରତାପ କେଶରୀ ନନ୍ଦ, ପଣ୍ଡିତ ବସନ୍ତ କୁମାର ମଙ୍ଗରାଜ ପ୍ରମୁଖ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଛି।

### ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ପିପିଏଲର ସହାୟତା

**କୁଜଙ୍ଗ, ୨୫।୩(ସ୍ୱ.ପ୍ର):** ପିପିଏଲ୍‌ର ସିଏସ୍‌ଆର୍ ଫଣ୍ଡରେ ବହୁ ଗରିବ ଲୋକଙ୍କୁ ସ୍ୱାବଲମ୍ବୀ ହେବାକୁ ସହାୟତା ପ୍ରଦାନ କରାଯାଇଛି। ହସିଣାର ସୋମାଲିନ୍ ପାଣି, ଅନିମା ତରାଇ, ଅହଲ୍ୟା ପାଣି, ମଙ୍ଗରାଜପୁରର ସାବିତ୍ରୀ ରାଉତ, ଦୀପ୍ତିମୟୀ ରାଉତ, ମାତା ମଲିକ୍ ଓ ଝୁନୀ ସ୍ୱାଇଁ, ସନ୍ତରାର ରଙ୍ଗଲତା ପଣ୍ଡା, ସବିତା ପରିଡା ଓ କାମିନୀ ମଲିକଙ୍କୁ ଛେଳି ପାଳନ ପାଇଁ ୪ଟି ଲେଖାଏଁ ଉନ୍ନତମାନର ଛେଳି ପ୍ରଦାନ କରାଯାଇଛି। ହର୍ଷ ଟ୍ରଷ୍ଟ ପକ୍ଷରୁ ଦର୍ପ ନାରାୟଣ ସ୍ୱାଇଁ ଓ ଦୀପକ ରଞ୍ଜନ ସେଠୀ ପ୍ରମୁଖଙ୍କ ଉପସ୍ଥିତିରେ ମଙ୍ଗରାଜପୁର ସରପଞ୍ଚ ପୂର୍ଣ୍ଣମା ତ୍ରିପାଠି ଏହି ଛେଳି ପ୍ରଦାନ କରିଥିଲେ।

## ■ ପିଡିଏର ଧାରଣାସ୍ଥଳ ଜମି ବିକ୍ରି ଉଦ୍ୟମ

# ରାତିରେ ଖୋଳିଲେ, ସକାଳୁ ପୋତିଲେ

**ପାରାଦୀପ, ୨୫।୩(ସ୍ୱ.ପ୍ର.)**



- ■ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ଫଳକ ତାଡ଼ିବାକୁ ହୋଇଥିଲା ଯୋଜନା
- ■ପିଡିଏ ନାଁକୁ ହୋଇନି ଜମି ହସ୍ତାନ୍ତର
- ■ଚିହ୍ନିତ ଜମି ଥିଲା କୁଜଙ୍ଗ ମେଳଣ ପଡ଼ିଆ
- ■ନିର୍ବାଚନ ଆଚରଣ ବିଧି ଖୋଲା ଉଲ୍ଲଂଘନ
- ■ଗୁରୁବାର ନିର୍ବାଚନ କମିଶନରଙ୍କୁ ଭେଟିବେ ଲୋକେ

ପାରାଦୀପ ଡେଭଲପ୍‌ମେଣ୍ଟ ଅଥରିଟି (ପିଡିଏ) ପକ୍ଷରୁ କୁଜଙ୍ଗ ତହସିଲ ଗେଟ୍ ସମ୍ମୁଖ ଧାରଣାସ୍ଥଳ ମଧ୍ୟରୁ ୧୨୦ ସ୍କୋୟାର ଫୁଟ୍ ସର୍ବସାଧାରଣ ଜମିକୁ ବେଆଇନ ଭାବେ ବିକ୍ରି କରି ଦିଆଯାଇଥିବା ଘଟଣାକୁ କେନ୍ଦ୍ରକରି ୨ ଦିନ ହେଲା ଉତ୍ତେଜନା ଲାଗି ରହିଛି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ଖୋଦ୍ ଜଗତ୍‌ସିଂହପୁର ଜିଲା ଅଫିସର ଇନଚାର୍ଜ ମଡେଲ କୋଡଅଫ୍ କଣ୍ଡକ୍ଟ ତଥା ପିଡିଏର ସମ୍ପାଦକ ପାରାଦୀପ ଏଡିଏମ୍‌ଙ୍କ ସ୍ୱାକ୍ଷରରେ ଉପରୋକ୍ତ ଜମିରେ ଦୋକାନ ଗୃହ ନିର୍ମାଣ ନିର୍ଦ୍ଦେଶ ଦିଆଯାଇଛି। ଗତ ମାର୍ଚ୍ଚ ୧୦ରେ ନିର୍ବାଚନ ଆଚରଣ ବିଧି ଲାଗୁ କରାଯାଇଥିବାବେଳେ ମାର୍ଚ୍ଚ ୧୬ରେ ଦୋକାନଗୃହ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ପଜେସନ୍ ସାର୍ଟିଫିକେଟ ପ୍ରଦାନ କରାଯାଇଥିବାରୁ ପିଡିଏ ପକ୍ଷରୁ ବଡ଼ଧରଣ ଘୋଟାଲା ହୋଇଥିବା ଚର୍ଚ୍ଚା ଚାଲିଛି। ଏଥିସହିତ ନିର୍ବାଚନ ଆଚରଣ ବିଧି ଖୋଲାଖୋଲି ଜଣେ ନିର୍ବାଚନ ଅଧିକାରୀ ଉଲ୍ଲଂଘନ କରିଥିବା ଜଗତ୍‌ସିଂହପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ବେଆଇନ ଜମି ବିକ୍ରି ଓ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଆସନ୍ତା ଗୁରୁବାର କୁଜଙ୍ଗର ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଯାଇ ନିର୍ବାଚନ କମିଶନରଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଫେରାଦ ହେବେ ବୋଲି ଜଣାପଡ଼ିଛି। ପିଡିଏ ପକ୍ଷରୁ ମାର୍ଚ୍ଚ ୧୬ରେ ଜମି ହସ୍ତାନ୍ତର ପରେ ଜନୈକ ବ୍ୟକ୍ତି ରବିବାର ରାତିରେ ଉକ୍ତ ଜମିରେ ନିଅଁ ଖୋଳିଥିଲେ। ନିଅଁ ପାଖରେ ଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ଦ୍ୱାରା ଶିଳାନ୍ୟାସ କରାଯାଇଥିବା ଏକ ଫଳକ ପାଖରୁ ମାଟି ତଡାଯାଇ ଫଳକ ଓପାଡ଼ିବାକୁ ଉଦ୍ୟମ କରାଯାଇଥିବାରୁ ଉତେତଜନା ବଢ଼ିଥିଲା। ତେବେ ତହସିଲ ଓ ଥାନାରେ ଅଭିଯୋଗ ହେବାରୁ ରାତିରେ ଖୋଳାଯାଇଥିବା ନିଅଁ ସୋମବାର ସକାଳୁ ପୋତି ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦୋକାନଘର ପାଇଁ ଚିହ୍ନଟ ହୋଇଥିବା ଜମି ପିଡିଏ ନାମରେ ନାହିଁ ଓ ତାହା ସର୍ବସାଧାରଣ ମେଳଣ ପଡ଼ିଆ କିସମ ବୋଲି ଜଣାପଡଛି। ପିଡିଏ କିଭଳି ଜଣେ ଲୋକଙ୍କୁ ଉକ୍ତ ସର୍ବସାଧାରଣ ଜମି ହସ୍ତାନ୍ତର କରୁଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ତା ୨୪।୧।୨୦୧୯ରିଖରେ ପିଡିଏ ପକ୍ଷରୁ ଖାତା ନଂ-୫୯୨, ୫୯୪ ଓ ପ୍ଲଟ୍ ନଂ-୬୧୩, ୬୧୫ ରେ ୧୨୦ ସ୍କୋୟାର ଫୁଟ୍ ଜମିରେ ଦୋକାନ ଘର ଓପନସେଡ୍ ନିମନ୍ତେ ଜମି ଆବଣ୍ଟନ ପାଇଁ ବିଜ୍ଞପ୍ତି ଜାରି କରାଯାଇଥିଲା। ମୋଟ୍ ଉପରେ ୪ଜଣ ଆବେଦନକାରୀ ଥିଲେ। ଅନ୍ୟ ଆବେଦନକାରୀଙ୍କୁ ସେମାନଙ୍କ ଆବେଦନ ପତ୍ର ରଦ୍ଦ ସମ୍ପର୍କରେ ସୂଚନା ଦିଆ ନ ଯାଇ ଉଦ୍ଦେଶ୍ୟମୂଳକ ଭାବେ ଜଣଙ୍କ ନାମରେ ଉକ୍ତ ଜାଗା ୧ଲକ୍ଷ ଟଙ୍କାରେ ଲିଜ୍ ଦେବାକୁ ନିଷ୍ପତ୍ତି ହୋଇଥିଲା। ତେବେ ବିଜ୍ଞପ୍ତି ଜାରି କରାଯାଇଥିବା ପ୍ଲଟ୍ କିସମ ପତିତ ଓ ମେଳଣ ପଡ଼ିଆ ବୋଲି ସରକାରୀ ଦପ୍ତରରୁ ଜଣାପଡିଛି। ୩୦ ବର୍ଷ ତଳେ ଉକ୍ତ ଜମିକୁ ପି.ଜେ.ଆର.ଆଇ.ଟି ନାମକ ଏକ ସରକାରୀ ସଂସ୍ଥା ସହ ସରକାର ଦୋକାନ ଘର ନିର୍ମାଣ କରି ଆବଣ୍ଟନ ପାଇଁ ଚୁକ୍ତି କରିଥିଲେ। ଚୁକ୍ତିରେ ଓପନ୍‌ସେଡ୍ ଲିଜ୍ ବ୍ୟବସ୍ଥା ନ ଥିଲା। ପରବର୍ତ୍ତୀ ସମୟରେ ମେଳଣ ପଡ଼ିଆରୁ ଦୋକାନ ଘର ଉଚ୍ଛେଦ ପାଇଁ ମଧ ହାଇକୋର୍ଟ ଆଦେଶ ଜାରି କରିଥିଲେ। ଚିହ୍ନିତ ଜାଗା ବର୍ତ୍ତମାନ ଧାରଣାସ୍ଥଳ ଓ ବିବାଦୀୟ ଜାଗା କୁହାଯାଉଥିବାବେଳେ ସେଠାରେ ଦୋକାନ ଘର ନିର୍ମାଣ ଉଦ୍ୟମ ଅଞ୍ଚଳବାସୀଙ୍କୁ ବିସ୍ମିତ କରିଛି।



ପୁସ୍ତକମେଳା ପ୍ରସ୍ତୁତି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ଏପ୍ରିଲ ୧୭ରୁ ପାରାଦୀପ ପୁସ୍ତକ ମେଳା

**ପାରାଦୀପ, ୨୫।୩(ସ୍ୱ.ପ୍ର.)**

- ■ଯୋଗଦେବେ ନାହିଁ ରାଜନେତା
- ■ନିର୍ବାଚନ ଆଚରଣ ବିଧି ଯୋଗୁ ନିରାଡ଼ମ୍ବର ହେବ ଉତ୍ସବ

ଆସନ୍ତା ଏପ୍ରିଲ ୧୭ରୁ ୨୪ ତାରିଖ ପର୍ଯ୍ୟନ୍ତ ୮ଦିନ ଧରି ପାରାଦୀପ ପୁସ୍ତକ ମେଳା ହେବ। ଏଥିପାଇଁ ରବିବାର ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ ହୋଇଥିବାରୁ ପୁସ୍ତକ ମେଳାକୁ ଚଳିତଥର ନିରାଡମ୍ବର ଭାବେ ପାଳନ କରିବାକୁ ନିଷ୍ପତ୍ତି ହୋଇଛି। ଏପରିକି ଉକ୍ତ ମେଳାରେ କୌଣସି ରାଜନେତା କିମ୍ବା କର୍ମୀ ଅତିଥି ଭାବେ ଯୋଗଦେବେ ନାହିଁ ବୋଲି କୁହାଯାଇଛି। ପୁସ୍ତକ ମେଳା ପରିଚାଳନା ପାଇଁ ଏକ ନୂତନ କମିଟି ଗଠନ କରାଯାଇଛି। ଏଥିରେ ଶିକ୍ଷକ, ସାହିତ୍ୟିକ, କବୟିତ୍ରୀ କବି, ଏକାଧିକ ସ୍ୱେଚ୍ଛାସେବୀ ସଂଗଠନର ପ୍ରମୁଖ ସଦସ୍ୟ, ପାରାଦୀପ ବନ୍ଦର ସାକ୍ଷରତା ସମିତି, ଗଣମାଧ୍ୟମ ପ୍ରତିନିଧି ସଦସ୍ୟ ଅଛନ୍ତି। ପୁସ୍ତକମେଳା ସବୁବର୍ଷ ପରି ଧାର୍ଯ୍ୟ ସମୟରେ ଜୟଦେବ ସଦନ ପରିସରରେ ହେବ। ସୂଚନାଯୋଗ୍ୟ, ଏହି ପୁସ୍ତକ ମେଳା ପାଇଁ ପାରାଦୀପ ବନ୍ଦର ଓ ପୌରପାଳିକା ଅର୍ଥ ଦେଇଥାନ୍ତି। ଏହାକୁ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ଆୟୋଜନ କରିଥାଏ। ବୈଠକରେ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସୁମନ୍ତ କୁମାର ବିଶ୍ୱାଳ, ସମ୍ପାଦକ ବସନ୍ତ ବିଶ୍ୱାଳ, ଶିକ୍ଷାବିତ୍ ମନୋରଞ୍ଜନ ଦାଶ, କବି ନଗେନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପାଇଁ ମହିଳାଙ୍କ ବିକ୍ଷୋଭ

**ପାରାଦୀପ, ୨୫।୩(ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳର ୩ନଂ. ୱାର୍ଡ ଶୁଖୁଆଖଳା ବସ୍ତିରେ ଥିବା ନଳକୂପରୁ ଗତ କିଛିଦିନ ହେଲା ଦୂଷିତ ପାଣି ବାହାରୁଛି। ସେହି ୱାର୍ଡରେ ଶୁଦ୍ଧ ପାଣି ଯୋଗାଇବା ପାଇଁ ସୋମବାର ୨୦ରୁ ଊର୍ଦ୍ଧ୍ୱ ମହିଳା ପୌର ପ୍ରଶାସନିକ ଭବନ ଆଗରେ ବିକ୍ଷୋଭ କରିଥିଲେ। ପରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ପହଞ୍ଚି ମହିଳାମାନଙ୍କ ସହ ଆଲୋଚନା କରି ସାଧାରଣ ନିର୍ବାଚନ ପରେ ଉକ୍ତ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ମହିଳାମାନେ ଫେରିଥିଲେ।

# ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଅଗ୍ନିକାଣ୍ଡ

**ପାରାଦୀପ, ୨୫।୩(ସ୍ୱ.ପ୍ର.)**



ଦମକଳବାହିନୀ ନିଆଁ ଲିଭାଉଛନ୍ତି।

ପାରାଦୀପର ବ୍ୟାଙ୍କଲେନରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ସୋମବାର ଅଗ୍ନିକାଣ୍ଡ ଘଟିଛି। ତେବେ ତତ୍କାଳ ନିଆଁ ଲିଭା ବ୍ୟବସ୍ଥା କରାଯିବା ଫଳରେ ସେଭଳି କିଛି ବିଶେଷ କ୍ଷୟକ୍ଷତି ହୋଇନାହିଁ। ବିଦ୍ୟୁତ୍ ଶଟ୍ ସର୍କିଟରୁ ଏପରି ଘଟିଥିବା କୁହାଯାଉଛି। ବ୍ୟାଙ୍କ ଖୋଲିବାର କିଛି ସମୟ ମଧ୍ୟରେ ବିଦ୍ୟୁତ୍ ବୋର୍ଡରୁ ନିଆଁ ବାହାରି ଚାରିଆଡେ ବ୍ୟାପିଥିଲା। ବ୍ୟାଙ୍କ କର୍ମଚାରୀମାନେ ବିଦ୍ୟୁତ୍ ସରବରାହ ବନ୍ଦ କରିବା ସହ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ।

# ହାଇୱା ଧକ୍କାରେ ଯୁବକ ମୃତ, ଜଣେ ଗୁରୁତର

**ବାଲିକୁଦା, ୨୫।୩(ସ୍ୱ.ପ୍ର.)**

କଟକ-ମାଛଗାଁ ରାସ୍ତାର ଜଗତ୍‌ସିଂହପୁର ସଦର ମହକୁମା ଯୋକଧାରୀ ଛକ ନିକଟରେ ସୋମବାର ଭୋରରେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିକୁଦା ଥାନା ଅଧୀନ ଅଳାଭର ପଞ୍ଚାୟତ ତେରତାଙ୍ଗ ଗାଁର ଲୋକନାଥ ଶତପଥୀଙ୍କ ପୁଅ ସୂର୍ଯ୍ୟକାନ୍ତ ଶତପଥୀ(୨୬)। ଦୁର୍ଘଟଣାରେ ସେହି ପଞ୍ଚାୟତ ଅଳାଭର ଗାଁର ଫଗୁ ଦାସଙ୍କ ପୁଅ ପ୍ରକାଶ ଦାସ ଗୁରୁତର ଆହତ ହୋଇଛନ୍ତି। ଦୁଇ ସାଙ୍ଗ କଟକର ଭିନ୍ନ ଭିନ୍ନ ସ୍ଥାନରେ ଡାକ୍ତରଙ୍କ କ୍ଲିନିକ୍‌ରେ କାମ କରନ୍ତି। ହୋଲି ଛୁଟି ସାରି ୨ ସାଙ୍ଗ କର୍ମକ୍ଷେତ୍ରକୁ ଫେରୁଥିଲେ। ଏହି ସମୟରେ ବିପରିତ ଦିଗରୁ ଆସୁଥିବା ଏକ ହାଇୱା ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସୂର୍ଯ୍ୟକାନ୍ତଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଆହତ ପ୍ରକାଶଙ୍କୁ ପ୍ରଥମେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ସେଠାରୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ସୂର୍ଯ୍ୟକାନ୍ତଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଜଗତ୍‌ସିଂହପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ସୂର୍ଯ୍ୟକାନ୍ତ ମାସକ ତଳେ ବିବାହ କରିଥିଲେ।



ନାଟକ 'ଓ ମୋର ଆଇ'ର ଏକ ଦୃଶ୍ୟ।

# 'ଓ ମୋର ଆଇ'ରେ ସାବତ ମା'ର ପଶ୍ଚାତାପ

**ପାରାଦୀପ, ୨୫।୩(ସ୍ୱ.ପ୍ର.)**

**ଜାତୀୟ ନାଟ ମହୋତ୍ସବ**

ପାରାଦୀପ ଜୟଦେବ ସଦନଠାରେ ଚାଲିଥିବା ଜାତୀୟ ନାଟ ମହୋତ୍ସବର ସୋମବାର ୭ମ ସନ୍ଧ୍ୟାରେ ନାଟକ ଓ ମୋର ଆଇ ମଞ୍ଚସ୍ଥ ହୋଇଛି। ଆସାମ ରଙ୍ଗାଳୟ ନାଟ୍ୟ ଅନୁଷ୍ଠାନ ପ୍ରାୟୋଜିତ ଓ ମୃଣାଳ କୁମାର ବୋରାଙ୍କ ନିର୍ଦ୍ଦେଶିତ ଏହି ଅହମିଆ ଭାଷାର ନାଟକରେ ଲୋକକଳା, ସଂସ୍କୃତି, ପାରିବାରିକ ବିଦ୍ୱେଷ ଓ ମା'-ସନ୍ତାନର ଅନାବିଳ ପ୍ରେମ ପ୍ରଦର୍ଶିତ ହୋଇଛି। ଜଣେ ମା' ନିଜ ପୁଅକୁ ଅଧିକ ଗେହ୍ଲା କରି ସାବତ ପୁଅକୁ ଅବହେଳା କରୁଛି। ସମୟ କ୍ରମେ ସାବତ ପୁଅ ନିର୍ଯାତନା ଓ ସଂଘର୍ଷ ମଧ୍ୟରେ ଜୀବନକୁ ଠିକ୍ ଭାବେ ଗଢି ଉଚ୍ଚ ପଦବୀ ପାଇବା ସହ ସୁଖରେ ରହୁଛି। ମାତ୍ର ନିଜ ସନ୍ତାନ ଅତ୍ୟଧିକ ଗେହ୍ଲା ଓ ସ୍ନେହ ପାଇ ପଥଭ୍ରଷ୍ଟ ହୋଇପଡିଛି। ଏସବୁ ଭିତରେ ମା' ଭୁଲ୍ ସୁଧାରିବାକୁ ଯାଇ ନିଜ ପୁଅକୁ ହତାଦର କରିବା ମଧ୍ୟରେ ମୃତ୍ୟୁକୁ ଆପଣାଇଛି। ଏହା ହିଁ ନାଟକର ବିଷୟବସ୍ତୁ। ଏହି ନାଟ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହେବ। ଶେଷ ସନ୍ଧ୍ୟାରେ ବିହାରର ପାଟଣା ନିର୍ମାଣ କଳାମଞ୍ଚ ଓ ସଞ୍ଜୟ ଉପାଧ୍ୟାୟଙ୍କ ନିର୍ଦ୍ଦେଶିତ ନାଟକ ବିଦେଶିଆ ମଞ୍ଚସ୍ଥ ହେବ।

## ■ ହରିଣପଲ ଉଜାଡୁଛନ୍ତି ଖରିଫ, ରବି ଫସଲ

# ବିଟ୍ ହାଉସ୍ ଘେରାଉ କଲେ ଚାଷୀ

**ରଘୁନାଥପୁର, ୨୫।୩(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଏରଡ଼ଙ୍ଗା ପଞ୍ଚାୟତରେ ହରିଣପଲ ବ୍ୟାପକ ମାତ୍ରାରେ ଫସଲ ନଷ୍ଟ କରୁଛନ୍ତି। ଏହି ଗ୍ରାମ ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗି ରହିଛି। ତେଣୁ ଖରିଫ, ରବି ଫସଲ ସମୟରେ ହରିଣ ପଲ ଆସି ଫସଲ ନଷ୍ଟ କରିଦେଉଛନ୍ତି। ଏହାର ପ୍ରତିକାର ଦାବିରେ ସୋମବାର ଗୋପାଳପୁର, ରାମଚନ୍ଦ୍ରପୁର, ସାଳିଜଙ୍ଗା, ନେଉଳିଆ, ପୀତାମ୍ବରପୁର, ଏରଣ୍ଡପାଳ, କଳାଧାରୀ ଓ ପୁରୁଣାବସନ୍ତର ଚାଷୀମାନେ ସ୍ଥାନୀୟ ବିଟ୍ ହାଉସ ଘେରାଉ କରିଛନ୍ତି। ଜଙ୍ଗଲ ଚତୁଃପାର୍ଶ୍ୱ ସୁରକ୍ଷା ପ୍ରାଚୀର ନିର୍ମାଣ ଓ ଫସଲର କ୍ଷତିପୂରଣ ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ସମ୍ପାଦକ ବାବାଜି ଚରଣ ଜେନା ଓ ପାର୍ଥଶାଖା ପାଲଟାସିଂଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ସେମାନେ କହିଛନ୍ତି ଯେ, ହରିଣପଲ ବାରମ୍ବାର ଫସଲ ଉଜାଡୁଛନ୍ତି। ଏଥିରେ ଚାଷୀମାନେ ବ୍ୟାପକ କ୍ଷତିଗ୍ରସ୍ତ ହେଉଛନ୍ତି। ସେହିପରି ନିକଟରେ ଥିବା ରେଳ ଲାଇନରେ କଟି ଅନେକ ହରିଣଙ୍କ ମୃତ୍ୟୁ ଘଟିଲାଣି। ତଥାପି ମଧ ବିଭାଗ ପକ୍ଷରୁ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଖାଦ୍ୟ ଅନ୍ୱେଷଣରେ ଆସି ହରିଣ ମୃତ୍ୟୁମୁଖରେ ପଡୁଥିବାବେଳେ ଚାଷୀ ଫସଲ ହରାଇ କ୍ଷତି ସହୁଛି। ଏ ସମ୍ପର୍କରେ ବାରମ୍ବାର ବନ ବିଭାଗ ଓ ଜିଲାପାଳଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନାହିଁ ବୋଲି ଚାଷୀ ଗଙ୍ଗାଧର ଜେନା ଓ ନିରଞ୍ଜନ ମହାପାତ୍ର କହିଛନ୍ତି। କୃଷକ ସଙ୍ଗଠନର ସମ୍ପାଦକ ଜେନା କୁହନ୍ତି, ଏ ବିଷୟରେ ରେଞ୍ଜରଙ୍କ ସହ କଥାବାର୍ତ୍ତା ହେବା ପରେ ମଙ୍ଗଳବାର ଫରେଷ୍ଟର ଆସି ଚାଷୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଆଗାମୀ ୭ଦିନ ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀଙ୍କ କଥା ବୁଝା ନ ଯାଏ, ତେବେ ଆନ୍ଦୋଳନ ତୀବ୍ର ହେବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ବସନ୍ତ ରାଉତ, ଦାମୋଦର ମହାରଣା, ଅଜୟ ଦ୍ୱିବେଦୀ, ଲକ୍ଷ୍ମଣ ବିଶ୍ୱାଳ, ନିମାଇ ରାଉତ, ବିପିନ ବିହାରୀ ଲେଙ୍କା, ରଞ୍ଜିତ ମୁଦୁଲି, ବାସୁଦେବ ଦାସ, ପୁନାନନ୍ଦ ନାୟକଙ୍କ ସମେତ ବହୁ ଚାଷୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ରେଞ୍ଜର ବଳରାମ ସାହୁ କହିଛନ୍ତି ଯେ, କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପଠାଯାଇଛି। ନିର୍ବାଚନ ପାଇଁ ସମସ୍ତେ ବ୍ୟସ୍ତ ଥିବାରୁ କୌଣସି ପଦକ୍ଷେପ ନିଆଯାଇନାହିଁ।




ବିଟ୍ ହାଉସ୍ ଆଗରେ ଧାରଣାରତ ଚାଷୀ।

## ■ କଳିଙ୍ଗ କାଲସିନର କାର୍ବନ କାରଖାନାରେ ଅଗ୍ନିକାଣ୍ଡ ଘଟଣା

# ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ହେଲା କାରଖାନା

**ପାରାଦୀପ, ୨୫।୩(ସ୍ୱ.ପ୍ର)**

ପାରାଦୀପ ଦୋଛକିଠାରେ ମନିହର ଗ୍ରୁପ୍ ଦ୍ୱାରା ପରିଚାଳିତ ହେଉଥିବା କଳିଙ୍ଗ କାଲସିନର କାର୍ବନ କାରଖାନାରେ ଶନିବାର ରାତିରେ ବିସ୍ଫୋରଣ ଘଟିଥିଲା। ଉକ୍ତ ଦୁର୍ଘଟଣାରେ କେହି ମୃତାହତ ହୋଇ ନ ଥିଲେ ହେଁ କାରଖାନାରେ ବ୍ୟାପକ କ୍ଷତ ହୋଇଥିବା ଜଣାଯାଇଛି। ଏଥିଯୋଗୁ କାରଖାନାର ଉତ୍ପାଦନ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ ରବିବାର ଛୁଟିଦିନ ଯୋଗୁ କାରଖାନା ଓ ବାସ୍ଥିତ ବିଭାଗ ପକ୍ଷରୁ ଦୁର୍ଘଟଣାସ୍ଥଳ ଯାଞ୍ଚ କରାଯାଇ ପାରି ନ ଥିଲା। ସୋମବାର ବିଭାଗ ପକ୍ଷରୁ ଏକ ବିଶେଷଜ୍ଞ ଟିମ୍ ଅନୁଧ୍ୟାନ କରିଥିବା ବିଭାଗୀୟ ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳେଇ କହିଛନ୍ତି। ବିସ୍ଫୋରଣରେ କାରଖାନାର କନ୍‌ଭେୟର ଚାମ୍ବର ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ତେଣୁ ଏହି ୟୁନିଟ୍‌ର ସମ୍ପୂର୍ଣ୍ଣ ନବୀକରଣ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ନବୀକରଣ ପରେ ବିଭାଗ ପକ୍ଷରୁ ପୁନର୍ବାର ଯାଞ୍ଚ କରାଯାଇ ଫିଟ୍‌ନେସ୍ ସାର୍ଟିଫିକେଟ ପ୍ରଦାନ ପରେ କାରଖାନା ଚାଲୁ ହେବ ବୋଲି ସହକାରୀ ନିର୍ଦ୍ଦେଶକ ଦଳେଇ ସୂଚନା ଦେଇଛନ୍ତି। କାରଖାନା ସଂଲଗ୍ନ ଉଦୟ ବିହାର ବାସିନ୍ଦା ବିଦ୍ୟୁଲତା ସ୍ୱାଇଁ କୁହନ୍ତି, ଶନିବାର ପ୍ରଚଣ୍ଡ ଶବ୍ଦ ହେବା ସହ ନିଆଁ ହୁଳା ଓ କଳାଗୁଣ୍ଡ ଚାରିଆଡ଼େ ବ୍ୟାପିଯାଇଥିଲା। ପରେ କାରଖାନାର ନିଜସ୍ୱ ନିଆଁଲିଭା ଗାଡ଼ି ଓ ଅନ୍ୟ ଶିଳ୍ପସଂସ୍ଥାର ଦମକଳ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ଦୀର୍ଘଦିନ ବନ୍ଦ ପରେ ଶନିବାର କାରଖାନା ଚାଲୁ ହୋଇଥିବାବେଳେ ୧୮ ଘଣ୍ଟା ମଧ୍ୟରେ କନ୍‌ଭେୟର ଚାମ୍ବର ବିସ୍ଫୋରଣ ହୋଇ ତଳକୁ ଖସିପଡ଼ିଥିଲା। ଉକ୍ତ କାରଖାନାରେ ତୈଳାକ୍ତ କୋଇଲାକୁ ୧୬ଶହ ଫରେନହେଟ୍ ଉତ୍ତାପରେ ଭଜାଯାଇ ଶୋଧନ କରାଯାଏ। ସେହି ଶୋଧିତ କୋଇଲାକୁ ବିଭିନ୍ନ ଆଲୁମିନିୟମ କମ୍ପାନୀକୁ ବିକ୍ରି କରାଯାଏ। ତୈଳାକ୍ତ କୋଇଲା ଶୋଧନ ବେଳେ ଗରମ ଧୂଆଁ ଓ କଳାଗୁଣ୍ଡ ସ୍ଥାନୀୟ ଅଞ୍ଚଳକୁ ଆଚ୍ଛାଦିତ କରିଦେଇଥାଏ। ସେଥିପାଇଁ ଏକାଧିକ ଲୋକ ଅଭିଯୋଗ କରିବା ପରେ ଓ କୋର୍ଟରେ ମାମଲା ରୁଜୁ କରାଯିବାରୁ କାରଖାନା ଅନେକଥର ବନ୍ଦ ହୋଇଛି। ଶେଷଥର ଗତବର୍ଷ ଏନ୍‌ଜିଟି କ୍ଲୋଜର ନୋଟିସ ଜାରି କରିବା ପରେ କାରଖାନା ବନ୍ଦ ରହିଥିଲା। ଆଇନଗତ ଭାବେ କମ୍ପାନୀ କର୍ତ୍ତୃପକ୍ଷ କାରଖାନା ଚଳାଇବା ପାଇଁ କୋର୍ଟରୁ ସାମୟିକ ଅନୁମତି ପାଇବା ପରେ ଉତ୍ପାଦନ ଆରମ୍ଭ କରିଥିଲେ। ମାତ୍ର ୧୮ ଘଣ୍ଟା ପରେ କାରଖାନାରେ ଦୁର୍ଘଟଣା ଘଟିବାରୁ ତାହା ପୁଣି ବନ୍ଦ ହୋଇଛି।



କଳିଙ୍ଗ କାଲସିନର କାର୍ବନ କାରଖାନା।

## ସଂକ୍ଷେପରେ

### କଂଗ୍ରେସର ପଞ୍ଚାୟତସ୍ତରୀୟ ନିର୍ବାଚନୀ ବୈଠକ

**ରାଜକନିକା,୨୫।୩(ଡି.ଏନ୍.ଏ):** ରାଜକନିକା ବ୍ଲକର ଜୟନଗର ପଞ୍ଚାୟତରେ ସୋମବାର ଏକ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚାୟତସ୍ତରୀୟ କର୍ମୀ ବୈଠକରେ ଆଳି ବିଧାୟକ ଦେବେନ୍ଦ୍ର ଶର୍ମା, ପୂର୍ବକନିକା ୨୯ ନଂ ଜୋନର ସଭାପତି ମଙ୍ଗୁଳି ଚରଣ ବେହେରା, ସରପଞ୍ଚ କୈଳାସ ତରାଇ,ପୂର୍ବତନ ବ୍ଲକ ଅଧକ୍ଷ ସୁବାସ ଚନ୍ଦ୍ର ପରିଡା, ବ୍ଲକ ଯୁବକଂଗ୍ରେସ ସଭାପତି ସତ୍ୟ ପରିଡା, ୨୮ ନଂ ଜୋନ ସଭାପତି ବିଦ୍ୟାଧର ବରଜ ଓ ବରିଷ୍ଠନେତା ବିକ୍ରମ ଦାସ ପ୍ରମୁଖ ଯୋଗଦେଇଥିଲେ। ଜୟନଗର ପଞ୍ଚାୟତ ସଭାପତି ଅଜୟ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଆଗାମୀ ନିର୍ବାଚନରେ କଂଗ୍ରେସକୁ ବିଜୟୀ ଆହ୍ୱାନ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ବରିଷ୍ଠକର୍ମୀ ସୁଧାକର ବିଶ୍ୱାଳ,ଗୋକୁଳ ପାଣି,ଭାଗୀରଥି ମଲିକ,ଚିତ୍ତରଞ୍ଜନ ପାଲ,ପ୍ରଦୀପ୍ତ ପଲାଇ,ବିଷ୍ଣୁ ଦାସ,ସୁଶାନ୍ତ ମଲିକ ଓ ଉମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



**ମାର୍ଶାଘାଇ,୨୫।୩ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକ କୁହୁଡ଼ି, ଅଙ୍ଗୁଳାଇ ଓ ନାରାୟଣପୁର ଗ୍ରାମର ମଧ ସ୍ଥଳରେ ଥିବା ସିଦ୍ଧ ମହାପୁରୁଷ ପୀଠରେ ସପ୍ତାହେ ବ୍ୟାପୀ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞ ଗତ ୨୧ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ପରମ୍ପରା ଅନୁଯାୟୀ ପଞ୍ଚତୀର୍ଥ ଶ୍ରୀକ୍ଷେତ୍ର, କାକଟପୁର ମା' ମଙ୍ଗଳା ପୀଠ, ନେମାଳର ଅଚ୍ୟୁତ କ୍ଷେତ୍ର, ବିରଜା କ୍ଷେତ୍ର ଓ ତୁଳସୀ କ୍ଷେତ୍ରରୁ ଆଜ୍ଞାମାଳ ଅଣାଯାଇ ଏଠାରେ ଯଜ୍ଞ ଅନୁଷ୍ଠିତ ହୋଇଥାଏ। ପଣ୍ଡିତ ଦିଲ୍ଲୀପ ଦେବତା ଯଜ୍ଞ କାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଅଖଣ୍ଡ ଜ୍ୟୋତି ପ୍ରାପ୍ତ ପରେ କଳସ ସ୍ଥାପନ କରାଯାଇ ଯଜ୍ଞ ଆରମ୍ଭ ହୋଇଥିଲା। ଜଗତ୍‌ସିଂହପୁରସ୍ଥିତ ଧାନକୁଦ ଆଶ୍ରମର ସୁଶ୍ରୀ ସସ୍ମିତା ଦାସ, ଭୁବନେଶ୍ୱର ବାଳକାଟିର ପଣ୍ଡିତ ବ୍ରଜକିଶୋର ମହାନ୍ତି, ବାବା ବଳିଆ ଆଶ୍ରମର ଡା. ଚିଦାନନ୍ଦ ବ୍ରହ୍ମଚାରୀ, ଢେଙ୍କାନାଳ ଭୁବନ ଆଶ୍ରମର ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ମହାରାଜ, ଶୁଭ୍ରାଂଶୁ ଶେଖର ଦାସ, ଦିଲ୍ଲୀପ କୁମାର ଦେବତା ପ୍ରମୁଖ ପ୍ରବଚକ ଭାବେ ଯୋଗ ଦେଇଥିଲେ।

# ବନୀକରଣ ନାଁରେ ଚାଲିଛି ଅର୍ଥ ହଡ଼ପ

**କେନ୍ଦ୍ରାପଡା ଅଫିସ, ୨୫।୩**

**କେନ୍ଦ୍ରାପଡା ଜିଲା**
- ରାଜ୍ୟ ରାଜପଥ ନିମନ୍ତେ ୨ ହଜାରରୁ ଊର୍ଦ୍ଧ୍ୱ ନଡିଆ ଗଛ କଟାଯାଇଛି
- ୨୦୧୭ରେ ୮୭ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ

କେନ୍ଦ୍ରାପଡା ଜିଲାରେ ବିଭିନ୍ନ ସ୍ଥାନରେ ବନୀକରଣ ଉନ୍ନୟନ ଯୋଜନା ଆଳରେ ଅର୍ଥ ହଡ଼ପ ହେଉଥିବା ଅଭିଯୋଗ ହୋଇଛି। ଉନ୍ନୟନ କାର୍ଯ୍ୟ ନାମରେ ବୃକ୍ଷକୁ ନଷ୍ଟ କରାଯାଉଛି । ମାତ୍ର ଏହାର ସମ ପରିମାଣରେ ବୃକ୍ଷରୋପଣ ହେଉନାହିଁ।

ଗତ ୨୧ ତାରିଖରେ ବିଶ୍ୱ ବନ ଦିବସ ଉପଲକ୍ଷେ କେନ୍ଦ୍ରାପଡା ଡିଆରଡିଏ ହଲରେ ଅନୁଷ୍ଠିତ ଜିଲାସ୍ତରର ଆଲୋଚନା ଚକ୍ର ହୋଇଥିଲା। ଏଥିରେ ପ୍ରଶାସନିକ ଅଧିକାରୀ, ପରିବେଶବିତମାନେ ଯୋଗଦେଇ ବନୀକରଣକୁ ଗୁରୁତ୍ୱ ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ଗ୍ଲୋବାଲ ୱାର୍ମିଂର ପ୍ରଭାବରେ ଆସନ୍ତା ୧୦ ବର୍ଷ ମଧ୍ୟରେ ପୃଥିବୀ ପୃଷ୍ଠର ତାପମାତ୍ରା ବର୍ତ୍ତମାନଠାରୁ ଅଧିକ ୪ ଡିଗ୍ରୀ ସେଲସିୟସ ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି। ଏହାର ମୁକାବିଲା ପାଇଁ ଅଧିକ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ତେବେ ଜିଲାରେ ଏସବୁ ସଚେତନତା କେବଳ ଭାଷଣରେ ସୀମିତ ରହୁଥିବା ବେଳେ କାର୍ଯ୍ୟରେ ପୂରଣ ହେଉ ନ ଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ୨୦୧୭ରେ ରାଜକନିକା ଅଞ୍ଚଳରେ ବୃକ୍ଷରୋପଣ କ୍ଷେତ୍ରରେ ବନ ଉନ୍ନୟନ ବିଭାଗ ପକ୍ଷରୁ ୮୭ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ କନିକାର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସମ୍ଭାବନା ପକ୍ଷରୁ ୨୦୧୮ରେ ଅନଶନ ଓ ଗଣଧାରଣା ହୋଇଥିଲା। ସେହିପରି ଉଦ୍ୟାନ କୃଷି ବିଭାଗ ତଥ୍ୟ ଅନୁଯାୟୀ, ଗତ ୨୦୧୨ରୁ ରାଜ୍ୟ ଓ କେନ୍ଦ୍ରୀୟ ଯୋଜନା ମାଧ୍ୟମରେ ଜିଲାର ବିଭିନ୍ନ ଅଞ୍ଚଳରେ ଆମ୍ବ, କାଜୁ, କଦଳୀ, ଲେମ୍ବୁ, ନଡିଆ ଗଛ ରୋପଣ ପାଇଁ ୯୩୭ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ୱେବସାଇଟରେ ଦର୍ଶାଯାଇଛି। ଏହି ତଥ୍ୟର ବାସ୍ତବତାକୁ ନେଇ ବୁଦ୍ଧିଜୀବୀମାନେ ସନ୍ଦେହ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପରିବେଶବିତ ସୁନୀଲ କୁମାର ଗନ୍ତାୟତ କୁହନ୍ତି, ମହାକାଳପଡା ବ୍ଲକ ବାୟାବାବା ମହାବିଦ୍ୟାଳୟ ପରିସରରେ ୧ ହେକ୍ଟର ଜମିରେ କାଜୁ ଗଛ ଲଗାଇବା ପାଇଁ ଯୋଜନା ହୋଇଥିଲା। ଏନେଇ ୨୦୧୮- ୧୯ ଆର୍ଥିକ ବର୍ଷରେ ଉଦ୍ୟାନ କୃଷି ବିଭାଗ ଏହି କାର୍ଯ୍ୟ ହାତକୁ ନେଇଥିଲା। ଏଥିପାଇଁ ୧ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ବରାଦ ହୋଇଥିଲା ବୋଲି ସୂଚନା ଫଳକରେ ଉଲ୍ଲେଖ ରହିଛି। ତେବେ ଏଠାରେ ଅଦ୍ୟାବଧି ଗୋଟିଏ ଗଛ ପୋତା ଯାଇ ନାହିଁ। ଏହି ଅନୁଦାନ ଅର୍ଥକୁ ହଡପ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସେହିପରି ପରିବେଶବିତ ସେକ୍ ଚାନ୍ଦ କୁହନ୍ତି ଯେ, ଆଳି ବ୍ଲକର ମାଣିଖଣ୍ଡିଠାରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୧୯୯୪ରେ ବରାଣୀ ଚେତନା କେନ୍ଦ୍ର ସ୍ଥାପନ ହୋଇଥିଲା। ଏହି ସମୟରେ ମାଣିଖଣ୍ଡିର ପ୍ରାୟ ୬ ଏକର ଜମିରେ ବନୀକରଣ ବ୍ୟବସ୍ଥା ହୋଇଥିଲା। ତେବେ ଏଠାରେ ଥିବା କେନ୍ଦ୍ରଟି ଏବେ ପରିତ୍ୟକ୍ତ ଗୃହ ପାଲଟି ଯାଇଥିବା ବେଳେ ବନୀକରଣର ନାମଗନ୍ଧ ନାହିଁ। ପ୍ରଶାସନିକ ତ୍ରୁଟି ଯୋଗୁ ବନୀକରଣ ଯୋଜନା ବ୍ୟର୍ଥ ହେଉଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି।

ସେହିପରି ସାମାଜିକ କର୍ମୀ ଶ୍ରୀକାନ୍ତ ନାୟକ କୁହନ୍ତି ଯେ, କଟକ ଚାନ୍ଦବାଲି ରାଜ୍ୟ ରାଜପଥ ନିମନ୍ତେ ୨ ହଜାରରୁ ଊର୍ଦ୍ଧ୍ୱ ନଡିଆ ଗଛ ରାସ୍ତା କଡରୁ କାଟି ଦିଆଯାଇଥିଲା। ଏହି ସମୟରେ ୮୭ ଲକ୍ଷ ଟଙ୍କାର ବନୀକରଣ ହେବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ବନୀକରଣ ହେଲାନାହିଁ। ଏନେଇ ସ୍ଥାନୀୟ ଲୋକେ ଅନଶନ କରିବା ପରେ ତତ୍କାଳୀନ ଜିଲାପାଳ ଏହାର ତଦନ୍ତ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶନାମା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ।

ପରିବେଶ ସୁରକ୍ଷା ଏବେ ଏଠାରେ ପ୍ରହସନ ପାଲଟିଥିବା ବେଳେ ପ୍ରକୃତରେ ଏହା ନାମରେ ଅର୍ଥ ହଡପ ହେଉଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ କନ୍ଦ ଜେନା କହିଛନ୍ତି ଯେ, ମହାକାଳପଡାର ବାୟାବାବା ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ବନୀକରଣ ସ୍ଥାନକୁ ଅନୁଧ୍ୟାନ କରାଯାଉଛି। ଏନେଇ ଜିଲାପାଳଙ୍କ ସହ ଆଲୋଚନା ପରେ ସମ୍ପୃକ୍ତ କର୍ମଚାରୀ ଓ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

## ଖବରକୁ ଭଲଭାବେ ପରଖି ଥାଏ ଖବରଦାତା

**କେନ୍ଦ୍ରାପଡା ଅଫିସ, ୨୫।୩**

କେନ୍ଦ୍ରାପଡ଼ା ସହରର ଗରାପୁରସ୍ଥିତ ଜିଲା କରଣ ସମାଜ କାର୍ଯ୍ୟାଳୟରେ 'ଗଣମାଧ୍ୟମ ବନାମ ସାମାଜିକ ଗଣମାଧ୍ୟମ' ଶୀର୍ଷକ ଆଲୋଚନା ଚକ୍ର ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ଜିଲା କରଣ ସମାଜ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ରମାନାଥ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଆଲୋଚକ ଭାବେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି ଓ ସଚ୍ଚିଦାନନ୍ଦ ଦାସ ଯୋଗ ଦେଇଥିଲେ। ଏହି ଅବସରରେ ଆଲୋଚକମାନେ ଦର୍ଶାଇଥିଲେ ଯେ, ସାମ୍ପ୍ରତିକ ସମୟରେ ସାମାଜିକ ଗଣମାଧ୍ୟମରେ ଦ୍ରୁତ ଗତିରେ ଖବର ପ୍ରକାଶ ପାଉଛି। ତେବେ ଏହି ଖବରର ସତ୍ୟତା ଉପରେ ପାଠକ ବା ଉପଭୋକ୍ତାଙ୍କର ସନ୍ଦେହ ରହୁଛି। ଏହା ମାଧ୍ୟମରେ ପ୍ରକାଶିତ ଖବର ଉପରେ ଅଙ୍କୁଶ ନ ଥିବାରୁ ବହୁ ସମୟରେ ବିଭ୍ରାନ୍ତିକର ଖବର ଦେଶର କ୍ଷତି ଘଟାଇ ଥାଏ ବୋଲି ଆଲୋଚକମାନେ ମତ ଦେଇଥିଲେ। ଅପରପକ୍ଷରେ ଜଣେ ଖବରଦାତା ପ୍ରତ୍ୟେକ ଖବରର ସତ୍ୟତାକୁ ପରଖିବା ସହ ପରିବେଷଣ ଉପରେ ଗୁରୁତ୍ୱ ଦେଇଥାଏ ବୋଲି ସେମାନେ କହିଥିଲେ। ମାତୃଦତ୍ତ ମହାନ୍ତି ଆଲୋଚନା ଚକ୍ର ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶୈଳେନ୍ଦ୍ର ମହାନ୍ତି ଓ ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ।

■ ଶରତ କୁମାର ଦେବଙ୍କ ୩୧ତମ ଶ୍ରାଦ୍ଧୋତ୍ସବ

## ଇତିହାସ ଠିକ୍ ମାର୍ଗରେ ଚାଲିବାକୁ ଦିଗ୍‌ଦର୍ଶନ ଦେଇଥାଏ

**ଆଳି, ୨୫।୩ (ଡି.ଏନ୍.ଏ.)**

ଆଳି ବ୍ଲକ ନୁଆବଜାରସ୍ଥିତ ଅନନ୍ତପୁର୍ଣ୍ଣା ପଡ଼ିଆଠାରେ ସ୍ୱର୍ଗତ ଶରତ କୁମାର ଦେବଙ୍କ ୩୧ତମ ଶ୍ରାଦ୍ଧୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି।ତତ୍‌ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ଜଗତାନନ୍ଦ ବଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଯୁବବର୍ଗ ଇତିହାସକୁ ଠିକ ଭାବରେ ଅଧ୍ୟୟନ କରିବା ଦରକାର। ଇତିହାସ ଜାଣିଲେ ହିଁ ଭବିଷ୍ୟତ କାର୍ଯ୍ୟଧାରା ଠିକ ହୋଇପାରିବ। ଠିକ ବାଟରେ ଚାଲିବା ପାଇଁ ଇତିହାସ ହିଁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ମୁଖ୍ୟଅତିଥି ଦେବ କହିଥିଲେ। କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ମୁଖ୍ୟବକ୍ତା, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷା ଝରଣା ଦାଶ, ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷା ସାବିତ୍ରୀ ଦାସ ପ୍ରମୁଖ ସମ୍ମାନିତ ଭାବେ ଅତିଥି ଯୋଗଦେଇଥିଲେ। ସେମାନେ କହିଥିଲେ, ସ୍ୱର୍ଗତ ଶରତ ଦେବ ଏଠାକାର ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ଗମନାଗମନ କ୍ଷେତ୍ରରେ ଯେଉଁ ଶୁଭାରମ୍ଭ କରିଥିଲେ, ତାହା ଏବେ ଶୀର୍ଷସ୍ତରରେ ପହଞ୍ଚିଛି। ଶରତ କୁମାର ଦେବ ସ୍ମୃତି କମିଟି ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିବା ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତିବିଶେଷ ଓ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ନିବେଦିତା ଲେଙ୍କା, କୃତୀ ଶିକ୍ଷକ ଓ ପରିବେଶବିତ୍ ହେମନ୍ତ କୁମାର ଦାସ, ଦିବ୍ୟାଙ୍ଗ ମହିଳା ଉର୍ବଶୀ ଦାସ, ସଫଳ ଚାଷୀ ମେଘାନନ୍ଦ ବେହେରା, ବଡିବିଲ୍ଡିଂରେ ହରିୟାଣାରେ ପୁରସ୍କୃତ ହୋଇଥିବା ପ୍ରକାଶ କୁମାର ରାଉତଙ୍କ ସମେତ କେତେଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପ୍ରାରମ୍ଭରୁ କେନ୍ଦ୍ରାପଡ଼ାସ୍ଥିତ ଭାବଗ୍ରାହୀ କଳା ନିକେତନର ଛାତ୍ରୀମାନେ ସ୍ୱର୍ଗତ ଶରତ ଦେବଙ୍କ ସ୍ମୃତି ଉଦ୍ଦେଶ୍ୟରେ ସଂଗୀତ ଗାନ କରିଥିଲେ।



ଜଣେ କୃତୀ ଛାତ୍ରଙ୍କୁ ରାଜ୍ୟ ସଭା ସଦସ୍ୟ ପ୍ରତାପ କେଶରୀ ଦେବ ପୁରସ୍କୃତ କରୁଛନ୍ତି।

## ଶ୍ରୀ ଅରବିନ୍ଦ ପାଠଚକ୍ର

**ରାଜକନିକା,୨୫।୩(ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ଓଳାଭର ପଞ୍ଚାୟତର ଲକ୍ଷ୍ମୀନାରାୟଣ ମନ୍ଦିର ନିକଟ ଦିବ୍ୟ ନିର୍ଝର ପରିସରରେ ଚାଲିଥିବା ଶ୍ରୀ ଅରବିନ୍ଦ ପାଠଚକ୍ର ସମ୍ମିଳନୀ ଓ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଓଳାଭର କେନ୍ଦ୍ରୀୟ ପାଠଚକ୍ର ପକ୍ଷରୁ ୨ ଦିନ ଧରି ଆୟୋଜିତ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଭାସ୍କର ରାଉତ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ବୈକୁଣ୍ଠ ନାଥ ଜେନା, ସମ୍ମାନିତ ଅତିଥି ଭାବେ ଅନିରୁଦ୍ଧ ବେହେରା, ସମ୍ପାଦକ ଧ୍ରୁବ ଚରଣ ଲେଙ୍କା ଓ ମୁଖ୍ୟବକ୍ତାଭାବେ ମହେନ୍ଦ୍ର ନାଥ ସ୍ୱାଇଁ ଯୋଗଦେଇଥିଲେ। ସଞ୍ଜୀବ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷା ଶୁଭଶ୍ରୀ ଅମ୍ବିକା ରାଉତ ବିବରଣୀ ପାଠ କରିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା

**ରାଜନଗର, ୨୫।୩ (ଡି.ଏନ୍.ଏ.)**

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ରାଜନଗର ବ୍ଲକ ଶାଖା ପକ୍ଷରୁ ସୋମବାର ବିଦାୟକଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ହାଇସ୍କୁଲଠାରେ ଜିଲା ସଭାପତି ଶରତ ଚନ୍ଦ୍ର ପାଣିଙ୍କ ପୌରୋହିତ୍ୟରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସମ୍ପାଦକ ଭଗବାନ ସାହୁ ମୁଖ୍ୟଅତିଥି, ପ୍ରମୋଦ କୁମାର ତ୍ରିପାଠୀ ମୁଖ୍ୟବକ୍ତା, ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ମଲ୍ଲିକ, ଅନୀଲ କୁମାର ବଳ, କବି ଅଭିରାମ ସାହୁ, ଶିକ୍ଷାବିତ ଅର୍ଜ୍ଜୁନ ଚରଣ ସ୍ୱାଇଁ, ନାରାୟଣ ଦାସ, ଜଗନ୍ନାଥ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ହେମନ୍ତ କୁମାର ରାଉତ, ଗୋଲୋକ ବିହାରୀ ରାଉତ, ନିରଞ୍ଜନ ମିଶ୍ର, କଳ୍ପତରୁ ଦାଶ ପ୍ରମୁଖଙ୍କୁ ସଂଘ ପକ୍ଷରୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାଜନଗର ବଜାରରୁ ୩୫ ହଜାର ଲୁଟ୍

**ରାଜନଗର, ୨୫।୩ (ଡି.ଏନ୍.ଏ.)**

ରାଜନଗର ବଜାରରୁ ଦୁର୍ବୃତ୍ତମାନେ ସୋମବାର ଦିନ ଦ୍ୱିପ୍ରହରରେ ୩୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସ୍ଥାନୀୟ ବଳରାମପୁର ଗ୍ରାମର ଅକ୍ଷୟ କୁମାର ବେହେରା ରାଜନଗରସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କରୁ ୩୫ ହଜାର ଟଙ୍କା ଉଠାଇଥିଲେ। ଟଙ୍କା ବ୍ୟାଗକୁ ସାଇକେଲ ଆଗରେ ଟାଙ୍ଗି ନିକଟସ୍ଥ ବଜାରକୁ ପରିବା କିଣିବାକୁ ଯାଇଥିଲେ। ମାତ୍ର ଏହାପରେ ବ୍ୟାଗରେ ଟଙ୍କା ନ ଥିବା ଦେଖିଥିଲେ। ଏ ନେଇ ସଙ୍ଗେ ସଙ୍ଗେ ଥାନାକୁ ଖବର ଦେଇଥିବା ବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିଲେ ହେଁ ଦୁର୍ବୃତ୍ତଙ୍କୁ ଧରିପାରିନାହିଁ।

## ବାଲିଆ ମେଳଣ ଉଦ୍‌ଯାପିତ

**ଡେରାବିଶ, ୨୫।୩ (ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲାର ପ୍ରସିଦ୍ଧ ବାଲିଆ ମେଳଣ ସୋମବାର ଉଦ୍‌ଯାପିତ ହୋଇଛି। ଫଗୁ ଦଶମୀରୁ ଆରମ୍ଭ ହୋଇଥିବା ଏହି ପର୍ବର ଅନ୍ତିମ ଚରଣରେ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ଏଥିପାଇଁ ସନ୍ଧ୍ୟାଠାରୁ ବାଲିଆ ଗ୍ରାମ ଉତ୍ସବମୁଖର ହୋଇଉଠିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ, ପିଲାଙ୍କ ପାଇଁ ରାମଦୋଳି ଓ ଦୋକାନବଜାର ଆଦି ମେଳଣସ୍ଥଳରେ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲା। ମେଳଣରେ ୪୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ୮୦ରୁ ଊର୍ଦ୍ଧ୍ୱ ବିମାନ ସାମିଲ ହୋଇଥିଲେ। ୩୦୦ରୁ ଅଧିକ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ମେଳଣରେ ପରମ୍ପରା ଅନୁଯାୟୀ, ସ୍ଥାନୀୟ ହରିନବାବୀ ମଠ ବିମାନ ଥାନପତି ଭାବେ ପଡିଆରେ ପ୍ରବେଶ କରିଥିଲେ। ଏହି ସମୟରେ ଘଣ୍ଟ ସଂକୀର୍ତ୍ତନ ଓ ପାରମ୍ପରିକ ବାଦ୍ୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପରେ ଅନ୍ୟ ବିମାନଗୁଡିକ କ୍ରମାନ୍ୱୟରେ ବିଭିନ୍ନ ଦ୍ୱାର ଦେଇ ପଡ଼ିଆରେ ପ୍ରବେଶ କରିଥିଲେ। ବାଲିଆ ଜମିଦାରଙ୍କ ବିମାନରେ ଶ୍ରୀ ଗୋପିନାଥଜୀଉ ବିଳମ୍ବିତ ରାତିରେ ମେଳଣ ପଡିଆରେ ପହଞ୍ଚିଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ବାଲିଆ ଜମିଦାର କାନୁନ୍‌ଗୋଙ୍କ ପରିବାର ପକ୍ଷରୁ ମାଟି ନିର୍ମିତ ପାତ୍ରରେ ଭୋଗ ଲାଗି ହେବାପରେ ବିଦାକି କରାଯାଇଥିଲା। ଏ ସମ୍ପର୍କରେ ମେଳଣ କମିଟିର ସଭାପତି ତାରାପ୍ରସାଦ କାନୁନ୍‌ଗୋ କୁହନ୍ତି, ପ୍ରାୟ ୩୦୦ ବର୍ଷ ପୂର୍ବେ ତତ୍କାଳୀନ ଜମିଦାର ଲକ୍ଷ୍ମୀଧର କାନୁନଗୋ, ପଦ୍ମଚରଣ କାନୁନଗୋ, ଶ୍ରୀଚରଣ କାନୁନଗୋଙ୍କ ଦ୍ୱାରା ଏହି ମେଳଣ ଆରମ୍ଭ ହୋଇଥିଲା।



ମେଳଣ ପଡ଼ିଆକୁ ଆସିଥିବା ବିମାନ।

## ବିଜୁ ସ୍ମୃତି ସଂସଦରେ ଭାଜପାର ନିର୍ବାଚନୀ ରଣକୌଶଳ ପ୍ରସ୍ତୁତି

**ରାଜନଗର, ୨୫।୩ (ଡି.ଏନ୍.ଏ.)**

ବହୁ ବିରୋଧ ସତ୍ତ୍ୱେ ସୋମବାର ରାଜନଗର ବ୍ଲକ ହଂସୁଆ ନଦୀକୂଳରେ ଥିବା ବିଜୁ ସ୍ମୃତି ସଂସଦ କାର୍ଯ୍ୟାଳୟଠାରେ ଭାଜପା ବିଧାୟକ ପ୍ରାର୍ଥୀ ଅଲେଖ କୁମାର ଜେନା ସମର୍ଥକଙ୍କୁ ନେଇ ଏକ ବୈଠକ କରିବା ସହ ରଣକୌଶଳ ପ୍ରସ୍ତୁତ କରିଛନ୍ତି। ରତ୍ନାକର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଅଲେଖ ଯୋଗଦେଇ ମତଭେଦ ଭୁଲି ଏକ ହୋଇ କାମ କରିବାକୁ ନିବେଦନ କରିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ କର୍ମୀମାନଙ୍କୁ ଅବଗତ କରିଥିଲେ। ରୋଡ ଶୋ' ମାଧ୍ୟମରେ ଶକ୍ତି ପ୍ରଦର୍ଶନ ସହିତ ନିର୍ବାଚନ ପ୍ରଚାର ଆରମ୍ଭ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତ ୨୮ ତାରିଖରେ ଭାଜପାର କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଓ ବିଧାୟକ ପ୍ରାର୍ଥୀ ଜେନା ମିଳିତ ଭାବେ ପଟ୍ଟାମୁଣ୍ଡାଇରୁ ଶୋଭାଯାତ୍ରାରେ ବାହାରି ରାଜନଗର ବଜାର ଦେଇ ବାରଗାଁସ୍ଥିତ ମାଟିଆ ମଙ୍ଗଳା ପୀଠରେ ପହଞ୍ଚିବେ ବୋଲି ସ୍ଥିର କରାଯାଇଥିଲା। ବୈଠକରେ ୩୦ ନଂ. ଜୋନ ସଂଯୋଜକ କୈଳାସ ଚନ୍ଦ୍ର ପରିଡ଼ା, ୩୧ ନଂ. ଜୋନ ସଂଯୋଜକ ଦିଲ୍ଲୀପ କୁମାର ରାଉତ, ୩୨ ନଂ. ଜୋନ ସଂଯୋଜକ ତପନ କୁମାର ମଣ୍ଡଳ, ଦିଲ୍ଲୀପ କୁମାର ପାତ୍ର, ବିଜୟ କୁମାର ବଳ, ସୁବାସ ରାଉତ, ପ୍ରଭାତ ମହାନ୍ତି, ଧୀରେନ ବିଶ୍ୱାଳ, ରାଜୀବ ଲୋଚନ ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ରାଉତ, ରଞ୍ଜନ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

ସୂଚନାଥାଉ କି, ରାଜନଗର ନିର୍ବାଚନମଣ୍ଡଳୀରେ ଅଲେଖ କୁମାର ଜେନାଙ୍କୁ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ଦେଇଛି। ମାତ୍ର ଦଳ ପକ୍ଷରୁ ପ୍ରାର୍ଥୀ ଘୋଷଣା ହେବା ପରେ ଟିକେଟ ଆଶାୟୀ ଯୁବନେତା ଅଜୟ କୁମାର ବେହେରା ଏବଂ ତାଙ୍କ ସମର୍ଥକମାନେ ଅଲେଖଙ୍କୁ ବିରୋଧ କରିବା ସହିତ ରାଜନଗର ଏବଂ ରାଜ୍ୟ ଭାଜପା କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ।

## ଭାଜପାର ନିର୍ବାଚନୀ ଶୋଭାଯାତ୍ରା ପ୍ରସ୍ତୁତି

**ପଟ୍ଟାମୁଣ୍ଡାଇ, ୨୫।୩ (ସ୍ୱ.ପ୍ର.)**

ସାଧାରଣ ନିର୍ବାଚନୀ ପ୍ରଚାର ନିମନ୍ତେ ଭାଜପା ପକ୍ଷରୁ ସୋମବାର ସନ୍ଧ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକସ୍ଥିତ ସ୍ଥାନୀୟମଙ୍ଗଳା ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୮ ତାରିଖରେ ଭାଜପା ପକ୍ଷରୁ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଅବସରରେ କେନ୍ଦ୍ରାପଡା ଲୋକସଭାର ଭାଜପା ପ୍ରାର୍ଥୀ ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଓ ରାଜନଗର ବିଧାନସଭା ପ୍ରାର୍ଥୀ ଅଲେଖ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇ ରାଜନଗର ପର୍ଯ୍ୟନ୍ତ ନିଆଯିବ ବୋଲି ସ୍ଥିର କରାଯାଇଥିଲା। ପଟ୍ଟାମୁଣ୍ଡାଇ ବ୍ଲକର ବରିଷ୍ଠ ନେତା ରାହସ ବିହାରୀ ଦାଶ ବୈଠକରେ ସଭାପତିତ୍ୱ କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ନଗର ଭାଜପା ସଭାପତି ପଦ୍ମନାଭ ପଣ୍ଡା, ବିଧାୟକ ପ୍ରାର୍ଥୀ ଅଲେଖ କୁମାର ଜେନା, ରାଜନଗର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଗଗନ ବିହାରୀ ସାହୁ, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ କାନନବାଳା ଦାସ, ଜିଲା ଏସ୍‌ସି ଏସ୍‌ଟି ମଞ୍ଚ ଜିଲା ସଭାପତି ମାଧବ ଚନ୍ଦ୍ର ମଲ୍ଲିକ, ୧୮ନଂ. ଜୋନ୍ ସଭାପତି ନିଳକଣ୍ଠ ଦାସ, ୩୦ନଂ ଜୋନ ସଭାପତି ନଗେନ୍ଦ୍ର ପାତ୍ର ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ଜତିନ ଦାଶ ଧନ୍ୟବାଦ ଦେଇଥିଲେ।



ବୈଠକରେ ଭାଜପା ନେତା ଓ କର୍ମୀ

# ଖରସ୍ରୋତା, ବ୍ରାହ୍ମଣୀରେ କୁମ୍ଭୀର ଆତଙ୍କ

**ଆଳି, ୨୫।୩ (ଡି.ଏନ୍.ଏ.)**

- ୧୦ ବର୍ଷରେ ୭ ଜଣ ଓ ଶତାଧିକ ଗୃହପାଳିତ ପ୍ରାଣୀଙ୍କ ଜୀବନ ନେଇଛି କୁମ୍ଭୀର
- ଲୋକଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦେଉନାହାନ୍ତି ବିଭାଗୀୟ କର୍ତ୍ତୃପକ୍ଷ

ଆଳି ନିର୍ବାଚନମଣ୍ଡଳୀ ଅଧୀନ ଆଳି ଓ ରାଜକନିକା ବ୍ଲକକୁ ବ୍ରାହ୍ମଣୀ, ବୈତରଣୀ, ଖରସ୍ରୋତା ଓ କାଣୀ ନଦୀ ଚତୁଃପାର୍ଶ୍ୱରେ ଘେରି ରହିଛି। ଏହି ନଦୀଗୁଡିକ ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଖୋଳାନଦୀ ସହିତ ସଂଯୁକ୍ତ ରହିଛି। ତେଣୁ ଏହି ନଦୀଗୁଡ଼ିକରେ ଅଧିକାଂଶ କୁମ୍ଭୀର ଯା'ଆସ କରିଥାନ୍ତି। ନଦୀକୂଳରେ ବସବାସ କରୁଥିବା ଲୋକମାନେ ନଦୀରେ ଗାଧୋଇବା, ଶୌଚ ଆଦି କାର୍ଯ୍ୟ କରୁଥିବା ବେଳେ କେତେକ ଗ୍ରାମକୁ ଯିବାଆସିବା ପାଇଁ ଡଙ୍ଗା ଏକମାତ୍ର ମାଧ୍ୟମ। ଗାଧୋଇବା ବା ଶୌଚ ହେବା ସମୟରେ ଅନେକଙ୍କୁ କୁମ୍ଭୀର ଟାଣି ନେଇଥିବା ମଧ୍ୟ ନଜିର ରହିଛି। ବର୍ଷସାରା ଲୋକମାନେ କୁମ୍ଭୀର ଭୟରେ ଜୀବନଯାପନ କରୁଥିବା ବେଳେ ବର୍ଷାଦିନେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଯାଏ। ନଦୀରୁ ଉଠି ଆସି କୁମ୍ଭୀରଗୁଡ଼ିକ ସନ୍ତସନ୍ତିଆ ସ୍ଥାନରେ ଅଣ୍ଡା ଦିଅନ୍ତି। ଏଥିସହ କେତେକ ପୋଖରୀ, ଗାଡିଆ ଆଦିରେ ଲୁଚି ରହି ସାଧାରଣ ଲୋକଙ୍କ କ୍ଷତି ଘଟାଉଥିବା ଦେଖାଯାଏ। ତେବେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଲୋକମାନେ ଅକାଳରେ ପ୍ରାଣ ହରାଉଥିବା ବେଳେ କେତେଜଣ ଗୁରୁତର ଅବସ୍ଥାରେ ଉଦ୍ଧାର ହୁଅନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ସେମାନଙ୍କ ଅଭିଯୋଗ ମୁତାବକ, ଗତ ୧୦ବର୍ଷ ମଧ୍ୟରେ ଆଳି ଓ ରାଜକନିକା ବ୍ଲକ ଅଞ୍ଚଳର ୭ ଜଣ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିବା ବେଳେ ୫ ଜଣ ଆହତ ହୋଇଛନ୍ତି। ଏଥିସହିତ ସ୍ଥାନୀୟ ଅଞ୍ଚଳର ଶତାଧିକ ଗୃହପାଳିତ ପ୍ରାଣୀ ମଧ୍ୟ କୁମ୍ଭୀର ଆକ୍ରମଣରେ ମରିଛନ୍ତି। ମଣିଷ-କୁମ୍ଭୀର ଲଢ଼େଇ ବେଳେ ୬-୭ଟି କୁମ୍ଭୀର ମଧ୍ୟ ପ୍ରାଣ ହରାଇଛନ୍ତି। କୌଣସି ଦୁର୍ଘଟଣା ନ ଘଟିବା ପର୍ଯ୍ୟନ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦେଖାମିଳୁନି। ପ୍ରତି ୨-୩ ମାସରେ ଗୃହପାଳିତ ପ୍ରାଣୀ କୁମ୍ଭୀରର ଶିକାର ହେଉଥିବା ଘଟଣା ନଜରକୁ ଆସୁଛି। ବନ ବିଭାଗ କର୍ତ୍ତୃପକ୍ଷଙ୍କ ପାଖରେ ଏହାର ଠିକ୍ ତଥ୍ୟ ମଧ୍ୟ ନାହିଁ।

ମିଳିଥିବା ସୂଚନା ମୁତାବକ, ୨୦୦୮ରେ ରାଜକନିକା ବ୍ଲକ ବଜରପୁର ଗ୍ରାମର ବିଦ୍ୟାଧର ରାଉତ କୁମ୍ଭୀର ଆକ୍ରମଣରେ ପ୍ରାଣ ହରାଇଥିଲେ। ୨୦୦୯ରେ ଆଳି ଥାନା ରାଣୀପୋଖରୀ ଗ୍ରାମର ବୃଦ୍ଧ ଅନାଦି ଚରଣ ବାରିକ, ରାଜକନିକା ମହୁରିଗାଁର ପଦ୍ମଲୋଚନ ବେହେରାଙ୍କ ସ୍ତ୍ରୀ ସଞ୍ଜୁଲତା, ୨୦୧୦ରେ ରାଜକନିକାର ଗଙ୍ଗାଧର ପ୍ରସାଦଡିଆ ଗାଁର ଉମାକାନ୍ତ ବେହେରା, ୨୦୧୧ରେ ପଙ୍କି ଗ୍ରାମର ସୁନାକର ମାଝୀ, ୨୦୧୩ରେ ସାହୁପଡା ଗ୍ରାମର ଛାତ୍ରୀ ସରସ୍ୱତୀ ପରିଡା, ୨୦୧୫ରେ ନଦୀନାଳ ଘେରା ଏକମାଣିଆ ପଞ୍ଚାୟତ ନଳପାହି ଗ୍ରାମର ମନୋରଞ୍ଜନ ସାହୁ କୁମ୍ଭୀର ଆକ୍ରମଣର ଶିକାର ହୋଇ ପ୍ରାଣ କରାଯାଥିଲେ। ସେହିପରି ୨୦୧୭ରେ ରାଜକନିକା ବ୍ଲକ ଆରସାର ରବିନାରାୟଣ ବେହେରା ଓ ୨୦୧୮ରେ କୋଳିଡିହ ପଞ୍ଚାୟତ ଦିନିଆରି ଗ୍ରାମର ବିଜୟ କୁମାର ପାତ୍ରଙ୍କୁ କୁମ୍ଭୀର ଆକ୍ରମଣ କରିଥିଲା। ସେହିପରି କୁମ୍ଭୀର ଆକ୍ରମଣରେ ମାଣିକପାଟଣା ଗ୍ରାମର ବିଭୂଷଣ ପଲାଇ, ସାହୁପଡା ଗ୍ରାମର ବୁଧନାଥ ପରିଡ଼ା ଓ ନଳଦିଆର ଦ୍ରୌପଦୀ ପ୍ରଧାନ ଆହତ ହୋଇଥିଲେ।

**ସେମାନେ କୁହନ୍ତି**

-ମାଣିକପାଟଣା ଗ୍ରାମ ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ। ଏହି ଗ୍ରାମର ଲୋକମାନେ ଆବାହମାନ କାଳରୁ ନଦୀଜଳ ବ୍ୟବହାର କରିଆସୁଛନ୍ତି। କିନ୍ତୁ ଦିନକୁ ଦିନ କୁମ୍ଭୀର ଭୟ ବଢୁଥିବାରୁ ଲୋକମାନେ ଏବେ ନଦୀକୁ ଯିବାକୁ ଭୟ କରୁଛନ୍ତି। ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ଆବଶ୍ୟକ।

-ସଞ୍ଜୟ କୁମାର ପରିଡା, ଯୁବ ଉଦ୍ୟୋଗୀ, ମାଣିକପାଟଣା

-ବାରମ୍ବାର ଏଠାକାର ଲୋକେ କୁମ୍ଭୀର ଆକ୍ରମଣର ଶିକାର ହେଉଛନ୍ତି। କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ଲୋକଙ୍କ ସୁରକ୍ଷା ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

-ଆକାଶ କୁମାର ରାଉଳ, ସାହୁପଡ଼ା

-କୁମ୍ଭୀର ଆତଙ୍କ ସମ୍ପର୍କରେ ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ବି କିଛି ପଦକ୍ଷେପ ନିଆଯାଉନି। ଫଳରେ ବହୁ ଧନଜୀବନ ହାନି ଘଟୁଛି।

-ଚନ୍ଦନ କୁମାର ବେହୁରା, କୋଳିଡିହ



ମଣିଷର ପ୍ରକୃତି ଯାହା ଉପରେ ଦେଇ ଚଢ଼ିବ ତାକୁ ହିଁ ପ୍ରଥମେ ଭୁଲିଯିବ। ଛାତକୁ ଚଢ଼ି ସାରିଲାପରେ ଶିଡ଼ି କଥା ମନେଥାଏ କି?
- ମାର୍କ ଟ୍ୱାଇନ୍



## ସଂକ୍ଷେପରେ

### ଉତ୍କଳ ଦିବସ ପାଇଁ କୁଇଜ୍ ପ୍ରତିଯୋଗିତା

**ଯାଜପୁର ଅଫିସ,୨୫।୩:** ଉତ୍କଳ ଦିବସ ଓ ଜିଲା ପ୍ରତିଷ୍ଠା ଦିବସ ଉପଲକ୍ଷେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ଗୌତମ ବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ରାଧାକୃଷ୍ଣ ବୋଷ, ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମହାନ୍ତି ଓ ଶିବପ୍ରସାଦ ବଳ କୁଇଜ ପରିଚାଳନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ସହ ଜ୍ଞାନର ପରିସୀମାକୁ ପରିବ୍ୟାପ୍ତ କରିବାରେ ସହାୟକ ହୋଇପାରିବ ବୋଲି ଆହ୍ୱାନ ଦେଇଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ୧୮ବର୍ଷରୁ ଉର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ଏହି କାର୍ଯ୍ୟକ୍ରମରେ ସୁଯୋଗ ଦିଆଯାଇ ନ ଥିଲା। ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ ବିନୋଦ ସିଂ ସିଙ୍କୁ, ସତ୍ୟଜିତ ନାୟକ, ସୁଶାନ୍ତ ଗୋଚ୍ଛାୟତ, ଅଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଦେଶାତ୍ମବୋଧ ସଂଗୀତ, ଓଡିଶା ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଟୋଗିତା ବି.ଡି. ହାଇସ୍କୁଲରେ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ଉତ୍କଳ ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ। ବୈକୁଣ୍ଠନାଥ ପତି, ଜ୍ଞାନରଞ୍ଜନ ପତି, ଗୟାଧର ପୁହାଣ, ବିଦ୍ୟାଧର ଧଳ, ଗରିଧାରୀ ସ୍ୱାଇଁ, ନିରୁପମା ମହାନ୍ତି, ମୋହନଚରଣ ମଲିକ, ଦିଗବନ୍ଧୁ ଓଝା, ଦେବସ୍ମିତା ମିଶ୍ର, ଅନିରୁଦ୍ଧ ପରିଡା, ଚତୁର୍ଭୁଜ ଦାସ, ସୁବାସଚନ୍ଦ୍ର ନାୟକ, ଶିବପ୍ରସାଦ ବଳ, ଶରତ ମୁଦୁଲି, ଅନିଲ କୁମାର ଜେନା ପ୍ରମୁଖ ବିଚାରପତି ଭାବେ ଯୋଗ ଦେଇଥିଲେ।

### ମଦ ବୋଝେଇ ଅଟୋ ଜବତ, ବ୍ୟବସାୟୀ ଗିରଫ

**ରସୁଲପୁର,୨୫।୩(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ-ଜେନାପୁର ପୂର୍ତ୍ତ ବିଭାଗ ରାସ୍ତାର ରାହାମ୍ଭା ପଞ୍ଚାୟତ ଛକ ନିକଟରୁ ସୋମବାର ଅପରାହ୍ନରେ କୁଆଖିଆ ପୋଲିସ ଏକ ମଦ ବୋଝେଇ ଅଟୋକୁ ଜବତ କରିଛି। ବେଆଇନ ମଦ କାରବାରରେ ସମ୍ପୃକ୍ତ ବ୍ୟବସାୟୀ ନୃସିଂହ ସାହୁ(୪୬)ଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି। ବ୍ୟବସାୟୀଙ୍କ ଘର ବଡକଇଁଚି ପଞ୍ଚାୟତ ଗୋରଧା ଗ୍ରାମରେ ବୋଲି ଜଣାପଡିଛି। ଏକ ଅଟୋରେ ୧୧୦ ବୋତଲ ବିଦେଶୀ ମଦ ବୋଝେଇ ହୋଇ କୁଆଖିଆରୁ ଗୋରଧା ଗ୍ରାମକୁ ଯାଉଥିଲା। ସୂଚନା ପାଇ ପୋଲିସ ମଦ ବୋଝେଇ ଅଟୋକୁ ପିଛା କରି ରାହାମ୍ଭା ଛକ ନିକଟରେ କାବୁ କରିଥିଲା। ଏ ନେଇ ଏକ ମାମଲା (ନଂ-୭୭/୧୯) ରୁଜୁ ହୋଇଛି।

### ୧୯୮୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

**ଯାଜପୁରରୋଡ଼,୨୫।୩(ନି.ପ୍ର.):** ସ୍ଥାନୀୟ ଏକ ହୋଟେଲରେ ସୋମବାର ନୃସିଂହ ଚୌଧୁରୀ (ଏନ୍‌ସି) ହାଇସ୍କୁଲର ୧୯୮୩ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ନିତ୍ୟାନନ୍ଦ ମହାଲିକ ସଭାପତିତ୍ୱ କରିଥିଲେ। ଆସନ୍ତା ଡିସେମ୍ବର ୨୯ରେ ପୁନଶ୍ଚ ବନ୍ଧୁମିଳନ ହେବ ବୋଲି ବୈଠକରେ ସ୍ଥିର ହୋଇଥିଲା। ପୁରାତନ ଛାତ୍ର ନିରଞ୍ଜନ ସାହୁ, ଶରତ ସ୍ୱାଇଁ, ପ୍ରଭାତ କୁମାର ରାଉତ, ସୁରଜିତ୍ ସେନ୍, ଘନଶ୍ୟାମ ସାହୁ, ଅଜୟ ବିଶ୍ୱାଳ, ପଦ୍ମନାଭ ପୃଷ୍ଟି, ରମେଶ ରାଉତ, ଶ୍ୟାମସୁନ୍ଦର ବାହାଲିଆ, ପ୍ରମୋଦ ପରିଡ଼ା, ଗୋପବନ୍ଧୁ ଦାସ, ନକୁଳ ଜେନା, ନିରନ ଜେନା, ପ୍ରତାପ ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ■ ପ୍ରତିଶ୍ରୁତି ଭୁଲିଗଲେ ଓଏମ୍‌ସି କର୍ତ୍ତୃପକ୍ଷ

# କାଟିଦେଲେ ୧୦ ହଜାର ଗଛ, ଭରଣା କଲେନି

**ଯାଜପୁର ଅଫିସ,୨୫।୩**



■ପରିବେଶଗତ ସମସ୍ୟାରେ ସଢ଼ୁଛନ୍ତି ଅଞ୍ଚଳବାସୀ

■ଲାଭ ଜଗିବାରେ ବ୍ୟସ୍ତ କମ୍ପାନୀ

ଯାଜପୁର ଜିଲା ସୁକିନ୍ଦା ତହସିଲ ଅଧୀନରେ ଥିବା ଓଡ଼ିଶା ଖଣି ନିଗମ(ଓଏମ୍‌ସି) ତା'ର ପ୍ରତିଶ୍ରୁତି ଭୁଲି ଯାଇଛି। ଗତ ୨୦୧୮ ଅଗଷ୍ଟରେ ହୋଇଥିବା ଜନଶୁଣାଣି ପୂର୍ବରୁ କଟା ଯାଇଥିବା ୯,୪୯୯ ଗଛର ଭରଣା ପାଇଁ ପ୍ରକ୍ରିୟା ଏଯାଏ ଆରମ୍ଭ ହୋଇପାରି ନାହିଁ। ଏହାଦ୍ୱାରା ସ୍ଥାନୀୟ ପରିବେଶବିତ୍ ଅସନ୍ତୋଷ ପ୍ରକାଶ କରିବା ସହିତ ଓଏମ୍‌ସି ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଓଏମ୍‌ସିର ସୁକୁରୁଙ୍ଗି କ୍ରୋମାଇଟ ଖଣିର ବାର୍ଷିକ ଉତ୍ପାଦନ କ୍ଷମତା ୧.୩ ଲକ୍ଷ ଟନରୁ ୩ ଲକ୍ଷ ଟନ ପର୍ଯ୍ୟନ୍ତ ସମ୍ପ୍ରସାରଣ କାର୍ଯ୍ୟ ପ୍ରାୟ ଶେଷ ହେବାକୁ ବସିଛି। ଏଥିପାଇଁ ୧୭୨.୪୨ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମି କରାଯାଇ ବ୍ୟବହାର ନିମନ୍ତେ ଜନଶୁଣାଣି ଶେଷ ହୋଇସାରିଛି। କିନ୍ତୁ ଘନ ଜଙ୍ଗଲ ନଷ୍ଟ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ପରିବେଶଗତ ସମସ୍ୟାରେ ବୃଦ୍ଧି ହେଉଥିବାବେଳେ କମ୍ପାନୀ କର୍ତ୍ତୃପକ୍ଷ ଲାଭ ଜଗିବାରେ ବ୍ୟସ୍ତ ରହୁଥିବା କୁହାଯାଉଛି। ଯାଜପୁର ଜିଲାରେ ଶିଳ୍ପ ଓ ଖଣି ଯୋଗୁ ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ପରିବେଶ ମଧ୍ୟ ପ୍ରଭାବିତ ହୋଇଛି। କିଛି ବର୍ଷ ହେଲା ପରିବେଶ ସମ୍ପୂର୍ଣ୍ଣ ଅସନ୍ତୁଳିତ ହୋଇପଡିଛି। ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏଥିସହ ଅନିୟମିତ ବର୍ଷା ଯୋଗୁ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ହେଲେ ଏଥିପ୍ରତି କାହାରି ଦରଦ ନାହିଁ। ଓଏମ୍‌ସିର ବାର୍ଷିକ କ୍ଷମତା ବୃଦ୍ଧି ପାଇଁ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଗଛ କଟାଯାଇଛି। ଏହାର ୧୦ ଗୁଣ ଅଧିକ ଗଛ ଲଗାଇବାକୁ ପ୍ରସ୍ତାବ ରହିଥିଲେ ହେଁ ତାହା ଲୋକ ଦେଖାଣିଆ ହୋଇଛି। ୨୦୧୭ରେ ଓଏମସି ସରକାରଙ୍କଠାରୁ ଗଛ କାଟିବା ପାଇଁ ଅନୁମତି ପାଇଥିଲା। ମାସ କେତେଟାରେ ଏହି ଅଞ୍ଚଳର ଛୋଟବଡ଼ କରି ୧୦ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷ କର୍ପୋରେଶନ ମାଧ୍ୟମରେ କାଟି ଦେଇଥିଲେ। ଏହି ବୃକ୍ଷ କଟାଯିବା ସମୟରେ ସ୍ଥାନୀୟ ଅଞ୍ଚଳର ବହୁ ପରିବେଶବିତ ବିରୋଧ କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା। ବନ ବିଭାଗ ଓ ଓଏମ୍‌ସି କର୍ତ୍ତୃପକ୍ଷ କଟାଗଛର ୧୦ଗୁଣ ଅଧିକ ରୋପଣ କରାଯିବ ବୋଲି ସ୍ଥାନୀୟ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ପରେ ପରେ କୋଲିପଶି ଛକଠାରୁ ରାସ୍ତା ନିର୍ମାଣ ନିମନ୍ତେ ଶତାଧିକ ଶାଳ ଗଛ ମଧ୍ୟ କାଟି ଦେଇଥିବା ଦେଖିବାକୁ ମିଳିଥିଲା। ଓଏମ୍‌ସି ପକ୍ଷରୁ ଟେଣ୍ଡର ପାଇ ଠିକାଦାରମାନେ ବିଭିନ୍ନ ନିର୍ମାଣ କାର୍ଯ୍ୟ କରିବାକୁ ନିଜ ଇଚ୍ଛା ମୁତାବକ ସରଂକ୍ଷିତ ଜଙ୍ଗଲରୁ ଶାଳ ଗଜା କାଟି ଆଣି କନଷ୍ଟ୍ରକ୍ସନ ନିର୍ମାଣ କାମରେ ସେଣ୍ଟ୍ରିଂ ଭାବେ ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଥିଲା। ଏ ନେଇ କୋଲିପଶି ଗ୍ରାମବାସୀ ରାଁସୋଳ ଫରେଷ୍ଟର ଗଣେଶ୍ୱର ଦାସଙ୍କୁ କାଠ କଟା ସମ୍ବନ୍ଧରେ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଓଏମ୍‌ସି ବୃକ୍ଷ କାଟି ଏହି ଅଞ୍ଚର ଘନଜଙ୍ଗଲକୁ ଧ୍ୱଂସ କରୁଥିବାବେଳେ ଲାଭବାନ ହେଉଛି ଖଣି ନିଗମ । ଏଥିଯୋଗୁ ଶତାଧିକ ଜୀବଜନ୍ତୁ ଲୋପ ପାଇଥିବା ଜଣାପଡିଛି। ବୃକ୍ଷ ରୋପଣ ପାଇଁ ଓଏମସି ପକ୍ଷରୁ ବନ ବିଭାଗକୁ ୨୨ଲକ୍ଷ ୪୯ ହଜାର ୨୬୦ ଟଙ୍କା ପ୍ରଦାନ କରାଯାଇଛି ଏବଂ ବୃକ୍ଷରୋପଣ ଚାଲିଛି ବୋଲି ଡିଣ୍ଡିମ ପିଟାଯାଉଛି। ବାସ୍ତବରେ ୫ ପ୍ରତିଶତ ବି ବୃକ୍ଷରୋପଣ ହୋଇ ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଜଙ୍ଗଲ ଜମିର ପୁନରୁଦ୍ଧାର ପାଇଁ ହେକ୍ଟର ପ୍ରତି ୭୦୦ ଚାରା ଓ ଅନ୍ୟ ସ୍ଥାନରେ ହେକ୍ଟର ପ୍ରତି ୧୬୦୦ ଚାରା ଲଗାଯିବ ବୋଲି କାଗଜପତ୍ରରେ କେବଳ ଆକଳନ କରାଯାଇଛି । ଏ ସଂକ୍ରାନ୍ତରେ ଓଏମସିର ଆଞ୍ଚଳିକ ପରିଚାଳକ ବିଜୟ କୁମାର ବେହେରାଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିବାରୁ ମତାମତ ମିଳିପାରି ନାହିଁ।

### ଜଳିଗଲା ଦରଜିଙ୍କ ଦୋକାନ ଘର

**ରସୁଲପୁର,୨୫।୩(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ଛକରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଏକ ଦୋକାନ ଜଳିଯାଇଛି। ବିଦ୍ୟୁତ ଶର୍ଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଦୋକାନ ଘରଟି ଦରଜି ଦୋକାନୀ ଜୀବନ ସ୍ୱାଇଁଙ୍କର ଥିଲା। ଦୋକାନ ଘର ଜଳି ଯିବାରୁ ଭିତରେ ଥିବା ପ୍ରାୟତଃ ୮୦ହଜାରରୁ ଉର୍ଦ୍ଧ୍ୱ ଟଙ୍କାର କପଡ଼ା ଓ ସିଲାଇ ମେସିନ ଜଳିଯାଇଛି ବୋଲି କ୍ଷୟକ୍ଷତି ଆକଳନରୁ ଜଣାପଡିଛି। ଜୀବନ ଦୋକାନ ବନ୍ଦ କରି ଘରକୁ ପଳାଇ ଯାଇଥିବା ବେଳେ ଶର୍ଟସର୍କିଟରୁ ନିଆଁ ଲାଗିଯାଇଥିଲା। ରସୁଲପୁର ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ଦୋକାନ ଘରୁ କୌଣସି ସାମଗ୍ରୀ ପଦାକୁ ବାହାର କରାଯାଇ ପାରି ନ ଥିଲା। ଦୋକାନଟି ଜୀବନଙ୍କ ପାଇଁ ଏକମାତ୍ର ରୋଜଗାରର ଉତ୍ସ ଥିଲା। ଅଗ୍ନିକାଣ୍ଡରେ ଦୋକାନ ଘର ଜଳିଯିବାରୁ ତାଙ୍କ ପରିବାରର ଆର୍ଥିକ ସ୍ଥିତି ପ୍ରଭାବିତ ହୋଇଛି। ଦୋକାନରେ ବହୁ ଗ୍ରାହକଙ୍କ କପଡ଼ା ଜଳିପୋଡ଼ି ପାଉଁଶ ହୋଇଯାଇଛି। ସେ ଗରାଖଙ୍କ କ୍ଷତି ଭରଣା କରିବାକୁ ଅସମର୍ଥ ଅଛନ୍ତି। ତାଙ୍କ ସରକାରୀ ସହାୟତା ପ୍ରଦାନ କରିବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି। ମାତ୍ର ଦୋକାନ ଘର ଲାଇସେନ୍ସପ୍ରାପ୍ତ ହୋଇ ନ ଥିବାରୁ ସରକାରୀ ସହାୟତା ମିଳିବାରେ ଅସୁବିଧା ଉପୁଜିବ ବୋଲି କୁହାଯାଉଛି।

## ■ ପଦାକୁ ଆସିଲା ଆଲ୍ଲାହାବାଦ ବ୍ୟାଙ୍କ ଶାଖା ପରିଚାଳକଙ୍କ ଆଉ ଏକ ଦୁର୍ନୀତି

# ଛାତ୍ର ଶୁଝିଥିବା ଶିକ୍ଷା ଋଣରୁ ୨ ଲକ୍ଷ ଲୁଟ୍ ଅଭିଯୋଗ

**ଦଶରଥପୁର,୨୫।୩(ଡି.ଏନ୍.ଏ.)**

### ପୁନଶ୍ଚ ତଦନ୍ତ କଲେ ଜୋନାଲ ମ୍ୟାନେଜର

ଦଶରଥପୁର ବ୍ଲକ ମଙ୍ଗଳପୁର ବଜାରରେ ଥିବା ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ ପରିଚାଳକ ନାରାୟଣ ବେହେରାଙ୍କ ଦୁର୍ନୀତିର ଗୁମର ଗୋଟିଏ ପରେ ଗୋଟିଏ ଫିଟିବାରେ ଲାଗିଛି। ପୂର୍ବରୁ ଜଣେ ଜମାକାରୀଙ୍କ ଆକାଉଣ୍ଟରେ କେହି ନୋମିନି ନ ଥିବାର ସୁଯୋଗ ନେଇ ପରିଚାଳକ ବେହେରା ତାଙ୍କ ଆକାଉଣ୍ଟରୁ ୧୫ଲକ୍ଷ ଟଙ୍କା ହଡ଼ପ କରିନେଇଥିବାବେଳେ ଏବେ ଜଣେ ଛାତ୍ର ଶୁଝିଥିବା ଶିକ୍ଷା ଋଣରୁ ୨ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗତ ୮ ତାରିଖରୁ ଭୁବନେଶ୍ୱର ଜୋନାଲ ଅଫିସ ପକ୍ଷରୁ ଘନଘନ ତଦନ୍ତ କରାଯିବା ପରେ ମ୍ୟାନେଜରଙ୍କ ଅନେକ ଘୋଟାଲାର ପର୍ଦ୍ଦାଫାସ ହେବାରେ ଲାଗିଛି। ମ୍ୟାନେଜର ବେହେରାଙ୍କୁ ନିଲମ୍ବନ କରାଯାଇ ଜୋନାଲ ଅଫିସରେ ଜେରା କରାଯାଉଛି। ଅପରପକ୍ଷେ ମ୍ୟାନେଜର ବେହେରାଙ୍କ ସହ ଏହି ଦୁର୍ନୀତିରେ ସାମିଲ ଥିବା ବ୍ୟାଙ୍କର ଅନ୍ୟ ୩ ଠିକା କର୍ମଚାରୀଙ୍କୁ ମଧ୍ୟ ବାହାର କରିଦିଆଯାଇଛି। ତେବେ ମଙ୍ଗଳପୁର ବଜାର ଗାୟତ୍ରୀ କଲୋନୀ ବାସିନ୍ଦା ତ୍ରିଲୋଚନ ନାୟକଙ୍କ ପୁଅ ସୁର୍ଯ୍ୟେନ୍ଦୁ ବିକାଶ ମ୍ୟାନେଜରଙ୍କ ନାମରେ ଆଉ ଏକ ଲୁଟ ଅଭିଯୋଗ ଆଣିଛନ୍ତି। ସେ ଅଭିଯୋଗ ସମ୍ପର୍କିତ ପତ୍ର ଭୁବନେଶ୍ୱର ଜୋନାଲ ଅଫିସ୍, ବ୍ୟାଙ୍କ ଲୋକପାଳ ଭୁବନେଶ୍ୱର, ଆଲ୍ଲାହାବାଦ ବ୍ୟାଙ୍କ ମୁଖ୍ୟ ଶାଖା, ରିଜର୍ଭ ବ୍ୟାଙ୍କ ନିକଟକୁ ସୋମବାର ପଠାଇଛନ୍ତି। ସୁର୍ଯ୍ୟେନ୍ଦୁଙ୍କ ଅଭିଯୋଗ ଅନୁଯାୟୀ, କିଛି ବର୍ଷ ତଳେ ସେ ଉଚ୍ଚ ଶିକ୍ଷା ପାଇଁ ବ୍ୟାଙ୍କରୁ ଶିକ୍ଷା ଋଣ ଆଣିଥିଲେ। କିଛି ମାସ ତଳେ ଏହି ଋଣ ପାଇଁ ୱାନ୍ ଟାଇମ୍ ସେଟେଲ୍‌ମେଣ୍ଟ ସର୍ତ୍ତରେ ବ୍ୟାଙ୍କକୁ ୪ ଦଫାରେ ୩ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ମ୍ୟାନେଜର ବେହେରା ନିଜେ ଡିପୋଜିଟ୍ ରସିଦ୍ ପୂରଣ କରି ୪ଟା ରସିଦ୍‌ରେ ୩ ଲକ୍ଷ ଟଙ୍କା ନେଇ ବ୍ୟାଙ୍କର ସିଲ୍ ଏବଂ ନିଜେ ଦସ୍ତଖତ କରି ସୁର୍ଯ୍ୟେନ୍ଦୁଙ୍କୁ ରସିଦ୍ ଦେଇଥିଲେ। ମ୍ୟାନେଜରଙ୍କ ଏପରି କଳାକାରନାମା ଜଣାପଡ଼ିବା ପରେ ସୁର୍ଯ୍ୟେନ୍ଦୁ ନିଜ ଲୋନ୍ ଆକାଉଣ୍ଟରୁ ଷ୍ଟେଟ୍‌ମେଣ୍ଟ ବାହାର କରିଥିଲେ। ଆକାଉଣ୍ଟରେ ୩ ଲକ୍ଷରୁ ୧ ଲକ୍ଷ ଟଙ୍କା ଡିପୋଜିଟ୍ ହୋଇଥିବା ଜାଣି ମ୍ୟାନେଜର ବେହେରାଙ୍କ ନାମରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଉପରେ ଭୁବନେଶ୍ୱର ଜୋନାଲ ଅଫିସ୍ ପକ୍ଷରୁ ପୁଣିଥରେ ବି.ସି. କୁଣ୍ଟୁ ସୋମବାର ମଙ୍ଗଳପୁର ଶାଖାକୁ ଆସି ଗ୍ରାହକ ସୁର୍ଯ୍ୟେନ୍ଦୁ ଏବଂ ତାଙ୍କ ବାପାଙ୍କୁ ଡକାଇ ଘଟଣାର ତଦନ୍ତ କରିଥିଲେ। ଏ ସମ୍ପର୍କରେ ତଦନ୍ତରେ ଆସିଥିବା ଜୋନାଲ ଅଫିସର କୁଣ୍ଟୁଙ୍କୁ ପଚାରିବାରୁ, ଘଟଣା ସତ୍ୟ ବୋଲି କହିବା ସହ ତଦନ୍ତ ଜାରି ରହିଥିବା କହିଛନ୍ତି। ଅପରପକ୍ଷେ ମ୍ୟାନେଜର ମଙ୍ଗଳପୁର ବଜାରର ଅନେକଙ୍କୁ ଲୋନ୍ କରାଇଦେବା ଆଳରେ ଲକ୍ଷ ଲକ୍ଷ ଟଙ୍କା ଲୁଟିଥିବା ନେଇ ମଙ୍ଗଳପୁର ଥାନାରେ ୩ ଏତଲା ହୋଇଥିବା ଜଣାପଡ଼ିଛି।

### ଜଗନ୍ନାଥ ହାଟ ମେଳଣ ଉଦ୍‌ଯାପିତ

**ବାଲିଚନ୍ଦ୍ରପୁର,୨୫।୩(ସ୍ୱ.ପ୍ର.)**

ସ୍ଥାନୀୟ ଜଗନ୍ନାଥ ହାଟ ମେଳଣ ରବିବାର ସକାଳୁ ଆରମ୍ଭ ହୋଇ ମଧ୍ୟାହ୍ନରେ ଶେଷ ହୋଇଛି। ଏହି ମେଳଣରେ ବାଲିଚନ୍ଦ୍ରପୁର, ମାଣିତ୍ରୀ, ଅଶିଳା, ପତରାଜପୁର, ରୁକୁଟିପାଟ, ଆମ୍ରସୌରୀ ଆଦି ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ସୁସଜ୍ଜିତ ବିମାନ ପାରମ୍ପରିକ ବାଦ୍ୟ ଯନ୍ତ୍ର ଓ ରୋଶଣିରେ ଆସି ମେଳଣ ପଡ଼ିଆରେ ବିରାଜମାନ ହୋଇଥିଲେ। ବାଲିଚନ୍ଦ୍ରପୁର ଗ୍ରାମର ରାଧାକାନ୍ତ ବିମାନ ପ୍ରଥମେ ଥାନପତି ଭାବେ ବିରାଜମାନ ହେବା ପରେ ଅନ୍ୟ ବିମାନ ବିରାଜିତ ହୋଇଥିଲେ। ଜଗନ୍ନାଥ ଧାମ ପୁରୀର ଭାଗୀରଥି ପୂଜାପଣ୍ଡା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସମସ୍ତ ବିମାନକୁ ଯଥାମାନ୍ୟ ଦେଇଥିଲେ। ଏହି ଅବସରରେ ବାଲିଚନ୍ଦ୍ରପୁର ବଜାର ଉତ୍ସବମୁଖର ହୋଇ ପଡ଼ିଥିବାବେଳେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଜନସାଧାରଣ ଏହି ମେଳଣକୁ ଉପଭୋଗ କରିଥିଲେ।

## ମାନବାଧିକାର ନାଗରିକ କମିଶନ ନାଁରେ ଅର୍ଥ ଆଦାୟ ପ୍ରସଙ୍ଗ

# କମିଶନ ସଭାପତି ବହିଷ୍କୃତ

**ରସୁଲପୁର,୨୫।୩(ଡିଏନଏ)**

ଯାଜପୁର ଓ ଅନ୍ୟ କେତେଗୁଡ଼ିଏ ଜିଲାରେ ମାନବାଧିକାର ନାଗରିକ କମିଶନ ନାଁରେ ଜନସାଧାରଣଙ୍କୁ ଠକି ଅର୍ଥ ଆଦାୟ କରାଯାଉଥିଲା। ଏହି କମିଶନ ଜନସାଧାରଣଙ୍କୁ ଇ-ସୁବିଧା କାର୍ଡ ପ୍ରଦାନ ଆଳରେ ୪୦ଟଙ୍କା ଲେଖାଏ ଆଦାୟ କରୁଥିଲା। ଏହାକୁ ସାଧାରଣରେ ବିରୋଧ କରାଯାଇଥିଲେ ହେଁ ଏହି ଅର୍ଥ ଆଦାୟ ବୈଧ ବୋଲି ଉକ୍ତ କମିଶନ ସଭାପତି ଅନିଲ ବାନାର୍ଜୀ ଦର୍ଶାଇଥିଲେ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଘଟଣାର ସତ୍ୟାସତ୍ୟ ପଦାକୁ ଆସିଥିଲା। ଏଭଳି ଠକେଇ କରୁଥିବା ଅଭିଯୋଗରେ ମାନବାଧିକାର ନାଗରିକ କମିଶନ ଅଧ୍ୟକ୍ଷ ଏସ.ଏଲ. ଦାସ ବାନାର୍ଜୀଙ୍କୁ ସଭାପତି ପଦବୀରୁ ବହିଷ୍କୃତ କରିଛନ୍ତି। ଏ ସମ୍ପର୍କରେ ଦାସ ରାଜ୍ୟପାଳଙ୍କୁ ଚିଠି ଜରିଆରେ ଅବଗତ କରାଇବା ସହ ବାନାର୍ଜୀଙ୍କୁ ଚିଠିର ଏକ ନକଲ ପଠାଇ ଦିଆଯାଇଥିବା ଅଧ୍ୟକ୍ଷ ଦାସ କହିଛନ୍ତି। ବନାର୍ଜୀଙ୍କର କମିଶନ ସହ କୌଣସି ସମ୍ପର୍କ ନାହିଁ ଏବଂ ଜନସାଧାରଣ ତାଙ୍କୁ ବିଶ୍ୱାସ ନ କରିବାକୁ କମିଶନ ପକ୍ଷରୁ ନିବେଦନ କରାଯାଇଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ ମଙ୍ଗଳକାରୀ ଯୋଜନା ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଓ ଯୋଗ୍ୟ ହିତାଧିକାରୀ କିଭଳି ଉକ୍ତ ଯୋଜନାରୁ ବଞ୍ଚିତ ନ ହେବେ ସେହି ଉଦ୍ଦେଶ୍ୟରେ ମାନବାଧିକାର ନାଗରିକ କମିଶନ ଗଠନ ହୋଇଛି। ଏହା ସମ୍ପୂର୍ଣ୍ଣ ଦେୟମୁକ୍ତ ବୋଲି ଅଧ୍ୟକ୍ଷ ଦାସ ସ୍ପଷ୍ଟ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହି କମିଶନ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ଏ ଦିଗରେ ସରକାରୀ ମଞ୍ଜୁରୀ ମିଳିବା ପରେ ଏ ନେଇ ଜିଲାର ଜିଲାପାଳ ପ୍ରତ୍ୟେକ ବିଡିଓଙ୍କୁ ଅବଗତ କରାଯିବ। ବ୍ଲକ କାର୍ଯ୍ୟାଳୟରେ ଏହାର ଏକ ୟୁନିଟ ଖୋଲିବ। ଜନସାଧାରଣ ଆବଶ୍ୟକ ସ୍ଥଳେ ଏହି କେନ୍ଦ୍ରରୁ ସହାୟତା ନେଇପାରିବେ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ପୂର୍ବରୁ ମାନବାଧିକାର କମିଟି ନାଁରେ ବାନାର୍ଜୀ ବେଆଇନ ଭାବେ କେତେଜଣ କର୍ମଚାରୀଙ୍କୁ ବ୍ୟବହାର କରି କାର୍ଡ ପ୍ରଦାନ ଆଳରେ ଟଙ୍କା ଆଦାୟ କରିଛନ୍ତି। ଯାହାକି ସମ୍ପୂର୍ଣ୍ଣ ବେଆଇନ। ଏହା ଜାଣିବା ପରେ ସଭାପତିଙ୍କ ବିରୋଧରେ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି। ଏ ସମ୍ପର୍କରେ ଅନୀଲ ବାନାର୍ଜିଙ୍କୁ ପଚାରିବାରୁ, ସେ କୌଣସି ଚିଠି ପାଇ ନ ଥିବା କହିଥିବାବେଳେ ଅଧ୍ୟକ୍ଷ ଦାସଙ୍କୁ ଆକ୍ଷେପ କରିଥିଲେ।



NATIONAL HUMAN RIGHTS CITIZENS COMMISSI
(GOVT. REGD.)
Corp. Office : Plot No. 175/707, Santra, Jajpur Road, Jajpur, Odisha, Pin - 755019
Mob : 9937500999, 9937675555, E.mail nhrccasia@gmail.com
Web : www.nhrccommission.com, www.nhrccommission.ind.in

No. NHRCC/11/2019 Date 19.03.2

To
Sri Anil Kumar Banerjee
Rasulgarh , Bhubaneswar
Odisha

Sub : ( discountenance from the post of president ship )
Sir ,
Here by we would like to inform you that you are terminated from the post of president 0f NATIONAL HUMAN RIGHTS CITIZENS COMMISSION. Our organization has took this vital decision because of your misconduct behaviour and not working appropriately for this organization.

Thanking you,

Yours truly
(Chairman)

### ବରୁଣେଶ୍ୱର ପୀଠରେ ହରି-ହରଙ୍କ ମିଳନ

**ବିଞ୍ଝାରପୁର,୨୫।୩(ଡିଏନଏ)**

ବିଞ୍ଝାରପୁର ଅଞ୍ଚଳର ପ୍ରସିଦ୍ଧ ବରୁଣେଶ୍ୱର ମେଳଣ ସୋମବାର ଭୋର ସମୟରେ ଆରମ୍ଭ ହୋଇ ଅପରାହ୍ନରେ ଶେଷ ହୋଇଥିଲା। କଲ୍ୟାଣପୁର ପଞ୍ଚାୟତର ବେଲପାଳ, ବଇରିବାଗ ଓ ପଣ୍ଡାସାହି ଗ୍ରାମବାସୀ ଏହି ପର୍ବକୁ ଶହଶହ ବର୍ଷ ଧରି ପାରମ୍ପରିକ ଢଙ୍ଗରେ ପାଳନ କରିଆସୁଛନ୍ତି। ଏହି ମେଳଣରେ ବାବା ବରୁଣେଶ୍ୱର ପୀଠରେ ୨୦ରୁ ଉର୍ଦ୍ଧ୍ୱ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପଦାର୍ପଣ କରିଥାନ୍ତି। ପୀଠରେ ହରି ସଦୃଶ କୃଷ୍ଣ ଓ ହର ସଦୃଶ ବରୁଣେଶ୍ୱରଙ୍କ ମିଳନ ଦେଖିବାକୁ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ପୀଠରେ ବେଲପାଳର ବ୍ରଜମୋହନ, ପଟଣାସାହିର ରାଧାରମଣ, ଗୌଡ଼ସାହିର କେଶରା କେଶରୀ, ବିଞ୍ଝାରପୁରର ବୃନ୍ଦାବନ, ଧରମପୁରର ବୁଢା ଗୋବିନ୍ଦ, କଲ୍ୟାଣପୁରର ଦାମୋଦର ଜୀଉ, ବେଲପାଳର ଗୋବିନ୍ଦଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ରାଧାକୃଷ୍ଣ ମୂର୍ତ୍ତି ବିମାନରେ ବିରାଟ ଶୋଭାଯାତ୍ରାରେ ମେଳଣ ପଡ଼ିଆକୁ ଆଗମନ କରିଥିଲେ। ଶୋଭାଯାତ୍ରାରେ ସାପନାଚ, କାଠିନାଚ, ଘୋଡ଼ାନାଚ, ଭାଲୁନାଚ ଭଳି ପରମ୍ପରା ଓ ବିଭିନ୍ନ ଲୋକନୃତ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିବାବେଳେ ଷଣ୍ଢନୃତ୍ୟ ବା ଲଢେଇ ଦେଖିବାକୁ ଶ୍ରଦ୍ଧାଳୁ ବେଶ ପସନ୍ଦ କରିଥିଲେ। କୃତ୍ରିମ ଷଣ୍ଢ ଲଢେଇ ଦେଖିବାକୁ ଗ୍ରାମବାସୀଙ୍କ ମଧ୍ୟରେ ବେଶ ଉତ୍ସୁକତା ଦେଖିବାକୁ ମିଳିଥିଲା। ଗ୍ରାମର ମୁରବୀ ଆଦିକନ୍ଦ ପଣ୍ଡା, ବାବାଜୀ ବେହେରା, ମକର ରଣା, ବିଶ୍ୱରଞ୍ଜନ ରାଉତ, ଯଦୁମଣି ବେହେରା, ରମେଶ ଚନ୍ଦ୍ର ରାଉତ, ଶୈଳନ୍ଦ୍ର ରାଉତ ପ୍ରମୁଖ ବରୁଣେଶ୍ୱର ପୀଠରେ ଶତାଧିକ ବର୍ଷ ହେବ ପରମ୍ପରାର ସହ ଦୋଳଯାତ୍ରା ଆୟୋଜନ କରାଯାଉଛି ବୋଲି କହିଛନ୍ତି।

## ■ ରାଜ୍ୟସ୍ତରୀୟ ଗୁରୁଦତ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଭୁବନେଶ୍ୱରକୁ ହରାଇ ନିକିରାଇ ଚାମ୍ପିୟନ

**ଚଣ୍ଡିଖୋଲ,୨୫।୩(ଡି.ଏନ.ଏ.)**



ଅତିଥିଙ୍କ ଗହଣରେ ଖେଳାଳି।

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥିତ ସ୍ପାଇଡର କ୍ଲବ ଆନୁକୂଲ୍ୟରେ ୭ମ ବାର୍ଷିକ ରାଜ୍ୟସ୍ତରୀୟ ଗୁରୁଦତ୍ତ ସୌମ୍ୟପ୍ରସାଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଦିବାରାତ୍ର ଖେଳରେ ୧୬ ଦଳ ଭାଗ ନେଇଥିଲେ। ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ଜିଲାର ନିକିରାଇ କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନିକିରାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ବିନା ଉଇକେଟରେ ୧୦୭ ରନ୍ ସଂଗ୍ରହ କରିଥିଲା। ଜବାବରେ ଭୁବନେଶ୍ୱର ଟିମ୍ ୬ ଓଭରରେ ସମସ୍ତ ଉଇକେଟ ହରାଇ ୮୦ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ବିଜୟୀ ଟିମ୍‌ର ତ୍ରୈଲୋକ୍ୟ ଦଳାଇ ମ୍ୟାନ ଅଫ ଦି ମ୍ୟାଚ ଓ ଉପବିଜେତା ଟିମ୍‌ର ମନୁ ଚରଣ ବେହେରା ମ୍ୟାନ ଅଫ ଦି ସିରିଜ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ ପାତ୍ର ମୁଖ୍ୟଅତିଥି, କ୍ଲବ ଉପଦେଷ୍ଟା ପ୍ରଭାସ କୁମାର ପାଢୀଙ୍କ ସଂଯୋଜନାରେ ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି ମୁଖ୍ୟବକ୍ତା, ଆଡଭୋକେଟ ପ୍ରତାପ ଚନ୍ଦ୍ର ନାୟକ, ସରପଞ୍ଚ ଫଣୀନ୍ଦ୍ର ନାଥ ପଣ୍ଡା ଓ ସଞ୍ଜୀତ କୁମାର ସାମଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସ୍ପାଇଡର କ୍ଲବ ସଭାପତି ହେମନ୍ତ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ବଡ଼ଚଣା ବ୍ଲକ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ନଗଦ ୧୨ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଚାଳିନେଇଙ୍ଗସ୍ଥିତ ଅଲ୍ଲୀ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ସୁଲତାନ ସଇଫୁଲ୍ଲା ଖାଁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ରନର୍ସ ଅପ୍ ଟିମ୍‌କୁ ନଗଦ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଫଣୀନ୍ଦ୍ର ନାଥ ପଣ୍ଡା ଯୋଗଦେଇଥିଲେ।

## ■ କୋରେଇ ଗ୍ରାମ୍ୟ ଉନ୍ନୟନ ବିଭାଗ

# ଗୁପ୍ତ ଟେଣ୍ଡର ଜରିଆରେ ଅର୍ଥ ଆତ୍ମସାତ୍

**କୋରେଇ,୨୫।୩(ସ୍ୱ.ପ୍ର.)**



■ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାଦାରଙ୍କ ସଲାସୁତୁରା

■ରାସ୍ତା ମରାମତି ନାଁରେ କାଁଭାଁ ପ୍ୟାଚ୍ ପକାଇ ଅର୍ଥ ଲୁଟ୍

କୋରେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଉନ୍ନୟନମୂଳକ କାମ ପାଇଁ ଆସୁଥିବା ଅର୍ଥ ଲୁଟ୍ ହୋଇଥିବା ଜଣାପଡ଼ିଛି। ଗୁପ୍ତ ଟେଣ୍ଡର ଜରିଆରେ ସରକାରୀ ଅର୍ଥ ଆତ୍ମସାତ୍ ହୋଇଛି। ଫଳରେ ବିଭାଗୀୟ ଏସ୍‌ଡିଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚୁପ୍ ରହିବା ଯୋଗୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। କୋରେଇ ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ବହୁ ଉନ୍ନୟନ କାର୍ଯ୍ୟ ନିମ୍ନମାନର ହୋଇଥିବା ନଜର ରହିଛି। ଅନ୍ଧାରିଠାରେ ଏକ କଲଭର୍ଟ ନିର୍ମାଣ କରାଯାଇଥିବା ବେଳେ ୩ ମାସ ପରେ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ସେହିପରି ବଡବିରୁହାଁଠାରୁ ଧନେଶ୍ୱର ରାସ୍ତାରେ ପିଚୁ ପଡିବାର ଦିନକ ପରେ ରାସ୍ତାରୁ ପିଚୁ ଉଠିଯାଇଥିଲା। ସେହିପରି କୋରେଇର ଅନ୍ୟ ୧୨ ସ୍ଥାନରେ ରାସ୍ତା ମରାମତି ନାମରେ କାଁଭାଁ ପ୍ୟାଚ୍ ପକାଇ ଗୁପ୍ତ ଟେଣ୍ଡର ଜରିଆରେ ୬୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିଲ୍ କରିନେଇଥିବା ଦେଖିବାକୁ ମିଳିଛି। ତୁଳତୀଠାରୁ କୟାଁ ଛକ ପୂର୍ତ୍ତ ବିଭାଗ ରାସ୍ତାରେ ୬୦ ଲକ୍ଷ ଟଙ୍କା ଟେଣ୍ଡର ହୋଇଥିବା ବେଳେ ବିନା ସୂଚନା ଫଳକରେ କାମ ଚାଲିଥିବା ଜଣାପଡ଼ିଛି। ସରକାରୀ ନିୟମାନୁସାରେ ସର୍ବସାଧାରଣ ଅବଗତି ନିମନ୍ତେ ଟେଣ୍ଡର କାମର ସବିଶେଷ ବିବରଣୀ ଫଳକରେ ଲେଖାଯିବା କଥା। କିନ୍ତୁ କାମ ଶେଷ ହେବାକୁ ବସିଥିବାବେଳେ ଏପର୍ଯ୍ୟନ୍ତ ସୂଚନା ଫଳକ ଲଗାଯାଇନାହିଁ। ଅତି ନିମ୍ନମାନର ରାସ୍ତା କାମ ହୋଇଥିବାରୁ ୨୦୦ରୁ ୩୦୦ ମି. ପିଚୁ ହୋଇଥିବା ସ୍ଥାନରୁ ପିଚୁ ଉଠିବା ଆରମ୍ଭ କଲାଣି। ସେହିପରି ବାଲିରେ ଅଳ୍ପ ସିମେଣ୍ଟ ମିଶାଇ ରାସ୍ତା କଡ଼ରେ ସାଇଡ ୱାଲ ନିର୍ମାଣ କରାଯାଇଛି। ଏ ନେଇ ଗ୍ରାମବାସୀ ବିଭାଗୀୟ ଏସ୍‌ଡିଓଙ୍କୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିନାହିଁ। ପୂର୍ବରୁ ଟେଣ୍ଡର କରାଯାଇ ରାସ୍ତା କାମ ଚାଲୁଥିବାବେଳେ ଗୁପ୍ତ ଟେଣ୍ଡର ମାଧ୍ୟମରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ କରାଯାଇଥିବା ଅଭିଯୋଗ ହେଉଛି। ନହକା ଖଇରା ପୂର୍ତ୍ତ ବିଭାଗ ରାସ୍ତାଠାରୁ ତୁଳତୀ ପର୍ଯ୍ୟନ୍ତ ଅତି ନିମ୍ନମାନର ସିମେଣ୍ଟ ବ୍ୟବହାର ହୋଇଥିବାବେଳେ ସମିତି ସଭ୍ୟା ସୁଷମା ଦାସ ଏସ୍‌ଡିଓଙ୍କୁ ଜଣାଇଥିଲେ। ଏହାସତ୍ତ୍ୱେ ଠିକାଦାର କାମ କରୁଥିବାବେଳେ ଏସ୍‌ଡିଓ ନୀରବ ରହିଥିବା ଯୋଗୁ ଠିକାଦାରୀ ପ୍ରୀତିର ନମୁନା ଦେଖିବାକୁ ମିଳିଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧି ପର୍ଯ୍ୟନ୍ତ ନିମ୍ନମାନର କାମକୁ ନେଇ ଅଭିଯୋଗ କରିଚାଲିଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାଦାରଙ୍କ ସଲାସୁତୁରାରେ ଅର୍ଥ ଆତ୍ମସାତ୍ ହେଉଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସ୍‌ଡିଓ ସରୋଜ କୁମାର ଦ୍ୱିବେଦୀଙ୍କୁ ପଚାରିବାରୁ, ନିମ୍ନମାନର କାର୍ଯ୍ୟକୁ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ତୁଳତୀ ପଞ୍ଚାୟତ ସମିତି ସଭ୍ୟା ସୁଷମା ଦାସ, ବଡବିରୁହାଁ ସରପଞ୍ଚ ସୁଲଚନା ପଣ୍ଡା ଦାବି କରିଛନ୍ତି।



ମନୁଷ୍ୟ ନିଜର ଓ ପରିବାରର ଭରଣପୋଷଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା ଉଚିତ। ତା'ଠାରୁ ଅଧିକ ଅର୍ଥ ଯଦି ସଂଗ୍ରହ କରେ, ସିଏ ଚୋର ଅଟେ।
- ବ୍ୟାସଦେବ



## ସଂକ୍ଷେପରେ

### ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

**ଦଶପଲ୍ଲା,୨୫।୩(ଡି.ଏନ.ଏ.):** ଶପଲ୍ଲା ଥାନା ଅନ୍ତର୍ଗତ ତୁମାଣ୍ଡି ପଞ୍ଚାୟତ ବୁଇପାଜୁ ନିକଟସ୍ଥ ମୁଣ୍ଡାନାଳ ନିକଟରୁ ପୋଲିସ ଏକ କ୍ଷତବିକ୍ଷତ ମୃତଦେହ ଉଦ୍ଧାର କରିଛି। ଉଦ୍ଧାର ମୃତଦେହ କନ୍ଧବୁଢାପଦର ଗ୍ରାମର ଗୌରାଙ୍ଗ ବେହେରା(୫୨)ଙ୍କ ବୋଲି ଜଣାପଡିଛି। ରବିବାରଠାରୁ ମଇଁଷି ଚରାଇବାକୁ ଯାଇ ସେ ନିଖୋଜ ଥିଲେ। ଗୌରାଙ୍ଗ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଜୟନ୍ତୀ, ପୁଅ ଗୌତମ ଓ ତାଙ୍କ ଝିଅ ବହୁ ଖୋଜା ଖୋଜି କରିବା ପରେ ସୋମବାର ସକାଳୁ ଗ୍ରାମ ନିକଟସ୍ଥ ମୁଣ୍ଡାନାଳ ପାଖରେ କ୍ଷତ ବିକ୍ଷତ ଅବସ୍ଥାରେ ଗୌରାଙ୍ଗଙ୍କ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେମାନେ ଦଶପଲ୍ଲା ଥାନାରେ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ସଲପ ରସକୁ କେନ୍ଦ୍ର କରି ଗୌରାଙ୍ଗଙ୍କୁ ମାଡ ମାରି ହତ୍ୟା କରାଯାଇ ନାଳ ନିକଟରେ ଫୋପାଡି ଦିଆଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଗୌରାଙ୍ଗଙ୍କ ମୁହଁ, ଦୁଇ ଗୋଡ ଏବଂ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଦେଖିବାକୁ ମିଳିଛି। ଏହି ଘଟଣାରେ ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଜାରି ରଖିଛି।

### ୨୦ ହଜାର ଝାମ୍ପି ନେଲେ ଦୁର୍ବୃତ୍ତ

ଓଡ଼ଗାଁ, ୨୫।୩(ସ୍ୱ.ପ୍ର.)-ସ୍ଥାନୀୟ ଲକ୍ଷ୍ମୀ ବଜାର ଛକରେ ଜଣେ ବ୍ୟକ୍ତିଙ୍କଠାରୁ ୨୦ ହଜାର ଟଙ୍କା ଲୁଟ୍ ହୋଇଛି। ସେ ଲସି ପିଇବାକୁ ପାଖ ଦୋକାନକୁ ଯିବା ବେଳେ ମୋପେଡରେ ଟାଙ୍ଗିଥିବା ଟଙ୍କାଭର୍ତ୍ତି ବ୍ୟାଗକୁ ଦୁର୍ବୃତ୍ତମାନେ ଝାମ୍ପି ନେଇଛନ୍ତି। ପ୍ରକାଶ ଯେ, ଓଡଗାଁ ନିକଟସ୍ଥ ବାଣପୁର ଗ୍ରାମର ତ୍ରିଲୋଚନ (୫୦) ନାମକ ଜଣେ ବ୍ୟକ୍ତି ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ମନ୍ଦିର ରୋଡରେ ଥିବା ଗ୍ରାମ୍ୟ ବ୍ୟାଙ୍କ ଏଟିଏମ୍‌ରୁ ୨୦ ହଜାର ଟଙ୍କା ଉଠାଇ ମୋପେଡରେ ଗାଁକୁ ଫେରୁଥିଲେ। ବଜାର ଛକରେ ଥିବା ଲସି ଦୋକାନ ଦେଖି ପିଇବାକୁ ମନ କରିଥିଲେ। ଫଳରେ ଟଙ୍କା ବ୍ୟାଗ ଝୁଲାଇଥିବା ମୋପେଡକୁ ରାସ୍ତା ପାର୍ଶ୍ୱରେ ରଖି ଲସି ପିଇବାକୁ ଦୋକାନକୁ ଯାଉଥିଲେ। ତାଙ୍କୁ ସମ୍ଭବତଃ ଏଟିଏମ୍ ନିକଟରୁ ଏକ ବାଇକରେ ପିଛା କରୁଥିବା ଦୁଇଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚି ମୋପେଡରୁ ଟଙ୍କା ବ୍ୟାଗ ଝାମ୍ପି ଆଖିପିଛୁଳାକେ ଜନଗହଳି ମଧ୍ୟରେ ଗଞ୍ଜାମ ଜିଲା ଅଭିମୁଖେ ଦ୍ରୁତଗତିରେ ଚାଲିଯାଇଥିଲେ। ଏହା ଦେଖି ତ୍ରିଲୋଚନ ଚିତ୍କାର କରିଥିଲେ। ସଙ୍ଗେ ସଙ୍ଗେ ସ୍ଥାନୀୟ ପୋଲିସ ଲୁଟେରାଙ୍କ ପିଛା କରିଥିଲେ ସୁଦ୍ଧା ସେମାନେ ଖସି ପଳାଇଥିଲେ। ଲୁଟ ସମ୍ପର୍କରେ ନିକଟବର୍ତ୍ତୀ ଥାନାଗୁଡ଼ିକୁ ସ୍ଥାନୀୟ ପୋଲିସ ସୂଚନା ଦେଇଥିଲେ ସୁଦ୍ଧା ଲୁଟେରାଙ୍କ ସମ୍ପର୍କରେ କୌଣସି ସୁରାକ ମିଳିନାହିଁ।

### ଫ୍ଲାଇଂ ସ୍କ୍ୱାଡ୍ ସମନ୍ୱୟ କମିଟି ବୈଠକ
### ପ୍ରଚାର ପାଇଁ ଗାଡ଼ିର ଅନୁମତି ଦରକାର

**ପୁରୀ ଅଫିସ,୨୫।୩:** ଆସନ୍ତା ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ କରିବା ଲାଗି ପୁରୀ ଜିଲାର ସମସ୍ତ ନିର୍ବାଚନମଣ୍ଡଳୀରେ ଫ୍ଲାଇଂ ସ୍କ୍ୱାଡ୍ ଗଠନ କରାଯାଇଛି। ସୋମବାର ସର୍କିଟ ହାଉସ୍‌ରେ ଫ୍ଲାଇଂ ସ୍କ୍ୱାଡ୍ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଅଧ୍ୟକ୍ଷତା କରିଥିଲେ। ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଫ୍ଲାଇଂ ସ୍କ୍ୱାଡ୍ ନିର୍ବାଚନ ଆଚରଣବିଧି ଉଲ୍ଲଂଘନର ତଦାରଖ କରି କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିବ। ପ୍ରଥମ ପର୍ଯ୍ୟାୟରେ ଜିଲାର ବିଭିନ୍ନ ସ୍ଥାନରୁ ବେଆଇନ ପୋଷ୍ଟର, ବ୍ୟାନର, ହୋର୍ଡିଂ ହଟାଇ ଦିଆଯାଇଛି। ଏହାବ୍ୟତୀତ ବେଆଇନ ଅର୍ଥ, ମଦ କାରବାର ସମ୍ପର୍କରେ ଅଭିଯୋଗ ଆସିଲେ ସେସବୁ ଜବତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ହିସାବ ଯାଞ୍ଚ କରାଯିବ। ପ୍ରଚାର ପାଇଁ ଗାଡ଼ି, ଡାକବାଜି ଯନ୍ତ୍ର ବ୍ୟବହାର ଲାଗି ପୂର୍ବରୁ ଅନୁମତି ନେବା ଆବଶ୍ୟକ। ବିନା ଅନୁମତିରେ ପ୍ରଚାର ପାଇଁ ଗାଡି ବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ ହେବ। ପ୍ରତି ନିର୍ବାଚନମଣ୍ଡଳୀରେ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ରହିବ। ନିର୍ବାଚନୀ ସଭା, ରାଲି ଆଦିର ଭିଡିଓ ରେକର୍ଡିଂ କରାଯିବ। ଏସ୍‌ପି ଉମାଶଙ୍କର ଦାଶ ନିର୍ବାଚନ ଆଚରଣବିଧି ଓ କାର୍ଯ୍ୟାନୁଷ୍ଠାନ ବିଷୟରେ କହିଥିଲେ। ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ ଆଦର୍ଶ ନିର୍ବାଚନ ଆଚରଣବିଧି ସମ୍ପର୍କରେ ଆଲୋଚନା କରିଥିଲେ। କୌଣସି ଜାଗାରୁ ଅର୍ଥ ଜବତ ହେଲେ, ତାହାର ତଦାରଖ ଲାଗି ଏକ ଜିଲାସ୍ତରୀୟ କମିଟି ଗଠନ କରାଯାଇଛି। ଏଥିରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ, ବାଣିଜ୍ୟକରର ଯୁଗ୍ମ କମିଶନର ଏବଂ ଜିଲା କୋଷାଗାର ଅଧିକାରୀ ରହିଛନ୍ତି।

## ■ ଚତୁର୍ଥ ଦିନରେ ୨ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କଲେ
# ଭାଜପାରୁ ପୂର୍ଣ୍ଣଚନ୍ଦ୍ର, ଏନ୍‌ସିପିରୁ ବେଣୁଧର

**ନୟାଗଡ଼ ଅଫିସ,୨୫।୩**

କନ୍ଧମାଳ ଲୋକ ସଭା ଆସନ ଅନ୍ତର୍ଗତ ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ ସୋମବାର ନାମାଙ୍କନ ପତ୍ର ଦାଖଲର ଚତୁର୍ଥ ଦିନରେ ୨ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଭାରତୀୟ ଜନତା ପାର୍ଟି (ଭାଜପା)ରୁ ପୂର୍ଣ୍ଣଚନ୍ଦ୍ର ନାୟକ ଓ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି)ରୁ ବେଣୁଧର ନାୟକ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଅପରାହ୍ନରେ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ରିଟର୍ନିଂ ଅଫିସର ତଥା ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶଙ୍କ ନିକଟରେ ଉଭୟ ୧ ସେଟ୍ ନାମାଙ୍କନ ପତ୍ର ଦାଖଲ କରିଥିଲେ। ପୂର୍ଣ୍ଣଚନ୍ଦ୍ର ଆଫିଡାଭିଟ ଜରିଆରେ ସମ୍ପତ୍ତି ତାଲିକା ଦାଖଲ କରି ନ ଥିବା ଅତିରିକ୍ତ ଜିଲାପାଳ ଦାଶ ସୂଚନା ଦେଇଛନ୍ତି। ସେହିପରି ବେଣୁଧର ଆଫିଡାଭିଟ ଜରିଆରେ ସମ୍ପତ୍ତି ତାଲିକା ଦାଖଲ କରିଥିଲେ ମଧ୍ୟ ଏଥିରେ କିଛି ତ୍ରୁଟି ରହିଛି। ଫଳରେ ମଙ୍ଗଳବାର ଉଭୟେ ସମ୍ପତ୍ତି ତାଲିକା ଦାଖଲ କରିବେ



ରିଟର୍ନିଂ ଅଫିସରଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି ପୂର୍ଣ୍ଣଚନ୍ଦ୍ର ଓ ବେଣୁଧର।

**ଆଜି ନାମାଙ୍କନ ପତ୍ର ଦାଖଲର ଶେଷ ଦିନ**

। ଭାଜପା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ତାଙ୍କ ନିକଟରେ ଭାଜପା ନେତା ଲାଲା ମନୋଜ ରାୟ, ଖଣ୍ଡପଡ଼ା ବିଧାୟକ ପ୍ରାର୍ଥୀ ସିଦ୍ଧାର୍ଥ ଶେଖର ସିଂ, ରାଘବ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରକାଶ ଯେ, ପୂର୍ଣ୍ଣଚନ୍ଦ୍ର ବିଜେଡିରୁ ଦଶପଲ୍ଲା ବିଧାୟକ ହୋଇଥିଲେ। ଚଳିତ ଥର ତାଙ୍କ ପରିବର୍ତ୍ତେ ବିଜେଡି ରମେଶ ଚନ୍ଦ୍ର ବେହେରାଙ୍କୁ ଟିକେଟ୍ ଦେଇଛି। ଫଳରେ ବିଜେଡି ଛାଡ଼ି ପୂର୍ଣ୍ଣଚନ୍ଦ୍ର ଭାଜପାରେ ଯୋଗ ଦେଇଛନ୍ତି। ପୂର୍ଣ୍ଣଚନ୍ଦ୍ର ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇ ପ୍ରତିଦ୍ୱନ୍ଦିତା କରୁଛନ୍ତି। ବେଣୁଧର ନାୟକ ଦଶପଲ୍ଲା ନିର୍ବାଚନମଣ୍ଡଳୀ ପାଇଁ କଂଗ୍ରେସର ଆଶାୟୀ ପ୍ରାର୍ଥୀ ଥିଲେ। ଦଳ ତାଙ୍କ ବଦଳରେ ପ୍ରଶାନ୍ତ କୁମାର ନାୟକଙ୍କୁ ଟିକେଟ୍ ଦେଇଛି। ଫଳରେ ସେ ଏନ୍‌ସିପିରେ ଯୋଗଦେଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ପାଇଁ ଜିଲା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ତଥା ନୟାଗଡ଼ ଜିଲାରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ଗତ ୧୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ୧୯, ୨୦ ଓ ୨୧ ତାରିଖରେ କେହି ନାମାଙ୍କନ ପତ୍ର ଦାଖଲ କରି ନ ଥିବାବେଳେ ୨୨, ୨୩ ଓ ୨୪ ତାରିଖ ଛୁଟି ଥିଲା। ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ରହିଛି। ଅବଶିଷ୍ଟ ଦଳ ଓ କିଛି ସ୍ୱାଧୀନ ପ୍ରାର୍ଥୀ ମଙ୍ଗଳବାର ନାମାଙ୍କନ ପତ୍ର ଦାଖଲ କରିବେ।

# କଲେଜରୁ ଅଧ୍ୟକ୍ଷଙ୍କୁ ଅପହରଣ
## ୨ ଘଣ୍ଟା ପରେ ଉଦ୍ଧାର କଲା ପୋଲିସ

**ନୟାଗଡ଼ ଅଫିସ/ରଣପୁର (ସ୍ୱ.ପ୍ର.),୨୫।୩**

ନୟାଗଡ଼ ଜିଲା କେନ୍ଦୁଢିପି ଦର୍ପନାରାୟଣପୁରସ୍ଥିତ ନବଚୌଧୁରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜକିଶୋର ପଣ୍ଡାଙ୍କୁ ସୋମବାର ପୂର୍ବାହ୍ନରେ ଅପହରଣ କରିନିଆଯାଇଥିଲା। ତାଙ୍କୁ ୩୦ ଜଣ ବ୍ୟକ୍ତି ଅପହରଣ କରି ନେଇଯାଇଥିଲେ। ୨ଘଣ୍ଟା ପରେ ପୋଲିସ ଅଧ୍ୟକ୍ଷଙ୍କୁ ଶଙ୍ଖେଇ ଗ୍ରାମରୁ ଉଦ୍ଧାର କରିଥିଲା। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ଲାଠିପଡ଼ା ଓ ଶଙ୍ଖେଇ ଗ୍ରାମ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ଲାଗିଥାଏ। ଶୁକ୍ରବାର ହୋଲି ଦିନ ଦୁଇ ଗ୍ରାମର ଲୋକଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ସୋମବାର ଏହି ଘଟଣାର ସମାଧାନ କରାଯିବାକୁ ଇଟାମାଟି ପୋଲିସ ପକ୍ଷରୁ କୁହାଯାଇଥିଲା। ତେବେ ରବିବାର ଶଙ୍ଖେଇ ଗ୍ରାମର ଜଣେ ଯୁବକଙ୍କୁ ଲାଠିପଡ଼ା ଗ୍ରାମର ଲୋକମାନେ ଅପହରଣ କରିନେଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଶଙ୍ଖେଇ ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଲାଠିପଡ଼ା ସମିତିସଭ୍ୟଙ୍କ ଭାଇ ତଥା କଲେଜ ଅଧ୍ୟକ୍ଷ ରାଜକିଶୋର ପଣ୍ଡାକୁ ଅପହରଣ କରି ନେଇ ଯାଇଥିଲେ। ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମୁଖା ପିନ୍ଧି ପୂର୍ବାହ୍ନ ୧୦ଟା ୩୦ରେ କଲେଜ ପାଚେରି ଡେଇଁ ମହାବିଦ୍ୟାଳୟ ଭିତରେ ପଶିଥିଲେ। ଯୁକ୍ତ ୨ ପରୀକ୍ଷା ଚାଲୁଥିବାରୁ ମୁତୟନ ହୋଇଥିବା ପରୀକ୍ଷା ନିୟନ୍ତ୍ରକଙ୍କୁ ସେମାନେ ଧମକାଇଥିଲେ। ଏହାପରେ ଅଧ୍ୟକ୍ଷଙ୍କ ଚାମ୍ବରକୁ ଯାଇ ଅଧ୍ୟକ୍ଷ ପଣ୍ଡାଙ୍କୁ ଉଠାଇ ନେଇ ଆସିଥିଲେ। ଖବର ପାଇ ଇଟାମାଟି ଓ ରଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରେ ମଧ୍ୟାହ୍ନ ୧୨ଟା ୩୦ ମିନିଟ୍‌ରେ ପୋଲିସ ଅଧ୍ୟକ୍ଷ ପଣ୍ଡାଙ୍କୁ ଶଙ୍ଖେଇ ଗ୍ରାମରୁ ଉଦ୍ଧାର କରିଥିଲା। ଇଟାମାଟି ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର କୁହନ୍ତି, ଅଧ୍ୟକ୍ଷଙ୍କୁ ଉଦ୍ଧାର କରାଯାଇଛି। ଘଟଣାର ସମାଧାନ ବୁଧବାର ହେବ ବୋଲି କହିଛନ୍ତି।



କେନ୍ଦୁଢିପି ଦର୍ପନାରାୟଣପୁର ନବଚୌଧୁରୀ ମହାବିଦ୍ୟାଳୟ।

# ପଞ୍ଚମୁଖୀ ହନୁମାନ ମନ୍ଦିରରେ ସମୂହ ବ୍ରତୋପନୟନ

**ଖଣ୍ଡପଡ଼ା,୨୫।୩(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ଯାତ୍ରାପଦା ବଜାରସ୍ଥିତ ଫଣେଶ୍ୱର ମହାଦେବ ଓ ପଞ୍ଚମୁଖୀ ହନୁମାନଜୀଉଙ୍କ ବିଜେସ୍ଥଳୀ ପରିସରରେ ୧୯ତମ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ସୋମବାର ସମୂହ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ନୟାଗଡ ଜିଲା ନୂଆଗାଁର ରାଜେଶ ଦାଶ, ସୂର୍ଯ୍ୟକାନ୍ତ ନାୟକ, ସମ୍ବିତ ରଥ, ସତ୍ୟବ୍ରତ ଦାଶ, ମଧଖଣ୍ଡ ଗ୍ରାମର ସତ୍ୟଶିବ ପଣ୍ଡା, ଲାଠିପଡାର ରାକେଶ ମହାପାତ୍ର, ବେଗୁନିଆର ସନ୍ତୋଷ ମିଶ୍ର, କଟକ ଜିଲା କମଳାଡିହର ରଶ୍ମିକାନ୍ତ ଦାଶ, ରାୟଗଡା ଜିଲା ମୁନିଗୁଡାର ରାକେଶ ତ୍ରିପାଠୀ, ଗଞ୍ଜାମ ଜିଲା ବ୍ରହ୍ମପୁରର ରାକେଶ ତ୍ରିପାଠୀ, କଟକ ଜିଲା ବିଡାନାସୀର ବିକାଶ ମହାପାତ୍ର ଓ ଶଙ୍କର ପାଢୀ ପ୍ରମୁଖ ୧୭ ଜଣ ବ୍ରହ୍ମଚାରୀ ରୀତିନୀତି ଅନୁସାରେ ବ୍ରତୋପନୟନ ହୋଇଥିଲେ। ଆଚାର୍ଯ୍ୟ ଭାବେ ରଜନୀକାନ୍ତ ମିଶ୍ର, ବସନ୍ତ କୁମାର ମିଶ୍ର ଓ ଶ୍ୟାମା ପ୍ରସାଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠାତା ଗୋପାଳଚନ୍ଦ୍ର ଅଗ୍ରୱାଲ, ମନ୍ଦିର ପରିଚାଳନା କମିଟି ସଭ୍ୟ ପ୍ରଭାକର ଶିରୋମଣି, ହେମନ୍ତ କୁମାର ସେଠୀ, ସନ୍ତୋଷ କୁମାର ଅଗ୍ରୱାଲ, ଭଗବାନଦାସ ଅଗ୍ରୱାଲ, ଦଣ୍ଡପାଣି ବେହେରା, ଜୟକୃଷ୍ଣ ବେହେରା ପ୍ରମୁଖ ସହଯୋଗ କରିଥିବା ଗ୍ରାମବାସୀ ଓ ବ୍ରହ୍ମଚାରୀଙ୍କ ପରିବାର ବର୍ଗଙ୍କୁ ସାଧୁବାଦ ଜଣାଇଥିଲେ। କାର୍ଯ୍ୟକ୍ରମ ପରେ ବ୍ରହ୍ମଚାରୀଙ୍କ ସହିତ ସେମାନଙ୍କ ପରିବାର ଲୋକେ ଶ୍ରୀ ନୀଳମାଧବ ଜୀଉଙ୍କ ସିଂହଦ୍ୱାରକୁ ଯାଇ ଠାକୁରଙ୍କ ଆଶୀର୍ବାଦ କାମନା କରିଥିଲେ। କାର୍ଯ୍ୟକ୍ରମ ଦେଖିବା ପାଇଁ ହଜାର ହଜାର ସଂଖ୍ୟକ ଜନସାଧାରଣ ସମାଗମ ହୋଇଥିଲେ।



ବ୍ରତୋପନୟନ ହୋଇଥିବା ବ୍ରହ୍ମଚାରୀମାନେ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ, ୫ ଅଟକ

**ରଣପୁର,୨୫।୩(ସ୍ୱ.ପ୍ର.)**

ଗତ ଶୁକ୍ରବାର ହୋଲି ଖେଳରେ ସମସ୍ତେ ମାତିଥିବାବେଳେ ରଣପୁର ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ରବିବାର ତାଙ୍କ ସ୍ତ୍ରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପ୍ରାଥମିକ ତଦନ୍ତ କରି ବିଭିନ୍ନ ସ୍ଥାନରେ ଚଢାଉ କରି ୫ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଛି। ଖବର ଲେଖାହେବା ବେଳକୁ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ। ବିଶେଷ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଞ୍ଚଳର ଜଣେ ଯୁବକ ସାଙ୍ଗମାନଙ୍କ ସହ ଦର୍ପନାରାୟଣପୁର ଆସୁଥିଲେ। ହେଲେ ସୁର୍କାବାଡି ଜଙ୍ଗଲ ମଧ୍ୟରେ ଉକ୍ତ ଯୁବକଙ୍କ ଅବସ୍ଥା ଗୁରୁତର ହୋଇପଡିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହା ପରେ ତାଙ୍କ ମୃତଦେହ ଗ୍ରାମକୁ ଅଣାଯାଇ ସଂସ୍କାର କରାଯାଇଥିଲା। ରବିବାର ମୃତ ଯୁବକଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହି ଘଟଣାରେ ଜଡିତ ଥିବା ବିଭିନ୍ନ ଗ୍ରାମର ୫ଜଣଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି।

# ଅଷ୍ଟପ୍ରହର ନାମଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞ

**ଗଣିଆ,୨୫।୩(ଡି.ଏନ.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମବାସୀଙ୍କ ତରଫରୁ ସୋମବାର ଅପରାହ୍ନରେ ୨୯ତମ ଅଷ୍ଟପ୍ରହର ନାମଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର ଶୁଭାଧିବାସ ପରେ ସୋମବାର ପୂର୍ବାହ୍ନରେ ବିଶ୍ୱଶାନ୍ତି ମହାଯଜ୍ଞ, ସୂର୍ଯ୍ୟପୂଜା ସହିତ ସଂକୀର୍ତ୍ତନ ଦଳ ହରିନାମ ମହାମନ୍ତ୍ର ପାଠ କରିଥିଲେ। ଏଥିରେ ଈଶ୍ୱରପୁର ଓ କୁମ୍ଭାରଖଣି ଗ୍ରାମର ୨ଟି ଲେଖାଏ ଦଳ, ଛାମୁଣ୍ଡିଆ, ଗୋପୀନାଥପୁର, ବେଣ୍ଟପଡା ମାଳିସାହି ଓ କଟକ ଜିଲା ନରସିଂହପୁର ଏକଡାଳ ଗ୍ରାମର ଶିଶୁ ସଂକୀର୍ତ୍ତନ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ। ସୋମବାର ସକାଳୁ ହରିନାମ ମହାମନ୍ତ୍ର ଧ୍ୱନିରେ ଗାଁ ଦାଣ୍ଡ ମୁଖରିତ ହୋଇଉଠିଥିଲା। ମଙ୍ଗଳବାର ଗ୍ରାମରେ ନଗର କୀର୍ତ୍ତନ କରାଯିବ ବୋଲି ଗ୍ରାମ କମିଟି ତରଫରୁ ସୂଚନା ମିଳିଛି।



ଈଶ୍ୱରପୁର ଗ୍ରାମରେ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ମହାମନ୍ତ୍ର ପାଠ କରାଯାଉଛି।

# ଆରମ୍ଭ ହେଲା ମାଟ୍ରିକ୍ ପରୀକ୍ଷା ଖାତା ଦେଖା

**ନୟାଗଡ଼ ଅଫିସ,୨୫।୩:** ନୟାଗଡ଼ ଜିଲାରେ ଏକମାତ୍ର ମୂଲ୍ୟାୟନ କେନ୍ଦ୍ର ବ୍ରଜେନ୍ଦ୍ର ହାଇସ୍କୁଲରେ ସୋମବାରଠାରୁ ମାଟ୍ରିକ୍ ପରୀକ୍ଷା ଖାତା ଦେଖା ଆରମ୍ଭ ହୋଇଛି। ଏଥିପାଇଁ ୩୩୬ ଜଣ ଶିକ୍ଷକଙ୍କୁ ନିଯୁକ୍ତି କରାଯାଇଛି। ଶିକ୍ଷକମାନେ ପ୍ରଥମ ଦିନରେ ଖାତା ଦେଖିଥିବା ଜିଲା ଶିକ୍ଷା କାର୍ଯ୍ୟାଳୟରୁ ସୂଚନା ମିଳିଛି। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ୨୦୧୯ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ଖାତା ଦେଖା ହେଉଛି। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖାତା ଦେଖା ହେବ। କେନ୍ଦ୍ର ପାଇଁ ଜଣେ କ୍ୟାମ୍ପ ଅଫିସରଙ୍କୁ ନିଯୁକ୍ତ କରାଯାଇଛି। ପ୍ରକାଶ ଯେ ଚଳିତବର୍ଷ ଜିଲାରେ ୧୨,୬୨୭ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେଇଛନ୍ତି।

# କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖାର ବାର୍ଷିକ ଅଧିବେଶନ ପ୍ରସ୍ତୁତି

**ଖଣ୍ଡପଡା,୨୫।୩(ସ୍ୱ.ପ୍ର.)**

କଂସାରି ସମାଜ କେନ୍ଦ୍ରାଞ୍ଚଳ ଶାଖା କଣ୍ଟିଲୋର ୪୭ତମ ବାର୍ଷିକ ଅଧିବେଶନ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ସନ୍ଧ୍ୟାରେ ସ୍ଥାନୀୟ କଂସାରି ସମାଜ କଲ୍ୟାଣ ସଦନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଅଖିଳ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ କେନ୍ଦ୍ରାଞ୍ଚଳ ଶାଖାର ବାର୍ଷିକ ଅଧିବେଶନ ସ୍ଥାନୀୟ କଂସାରି ସମାଜ କଲ୍ୟାଣ ସଦନଠାରେ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଥିଲା। ଏହି ବୈଠକ ଏପ୍ରିଲ ପରିବର୍ତ୍ତେ ମେ ଶେଷ କିମ୍ବା ଜୁନ ପ୍ରଥମ ସପ୍ତାହରେ କରାଯିବାକୁ ସ୍ଥିର କରାଗଲା। ଏହି ଅବସରରେ ଦୀର୍ଘ ୨୦ବର୍ଷ ପରେ ଜାତିର ବିକାଶ ଲକ୍ଷ୍ୟରେ ଆବଶ୍ୟକ କିଛି ନୀତିନିୟମ ସଂଶୋଧନ କରାଯାଇ ନୂତନ ବହି ଛପାଯିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ବାର୍ଷିକ ଅଧିବେଶନ ଅବସରରେ ଓଡିଶାର କଂସାରି ଜାତି ଭାଇମାନଙ୍କୁ ଏକତ୍ରିତ କରି ଏକ ରାଜ୍ୟସ୍ତରୀୟ ସମାବେଶ କଣ୍ଟିଲୋଠାରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସମ୍ପାଦକ ଶ୍ରୀପତି ମହାରଣାଙ୍କଠାରୁ ପ୍ରକାଶ।



ବୈଠକରେ ଯୋଗଦେଇଥିବା କଂସାରୀ ସମାଜର କର୍ମକର୍ତ୍ତା।

# ରାସ୍ତାକଡ଼ରୁ ଉଠୁନି ଅଳିଆ

**ରଣପୁର,୨୫।୩(ସ୍ୱ.ପ୍ର.)**

**ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି**

ସହର କିମ୍ବା ୱାର୍ଡ ପରିବେଶ ଆବର୍ଜନା ମୁକ୍ତ ରଖିବା ବିଜ୍ଞାପିତ ଅଞ୍ଚଳ ପରିଷଦର ମୁଖ୍ୟ ଦାୟିତ୍ୱ। ଏଥିପାଇଁ ସରକାରଙ୍କ ତରଫରୁ ଲୋକ ନିଯୁକ୍ତି ସହ ଆବଶ୍ୟକ ଉପକରଣ ପ୍ରଦାନ କରାଯାଉଛି। ଏ ଦିଗରେ ଲକ୍ଷ ଲକ୍ଷ ଟଙ୍କା ମଧ୍ୟ ବ୍ୟୟ କରାଯାଉଛି। ହେଲେ ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ଖାମଖିଆଲ ନୀତି ଯୋଗୁ ବିଭିନ୍ନ ୱାର୍ଡ ପରିସର ଅଳିଆ ଆବର୍ଜନାରେ ଭର୍ତ୍ତିହୋଇ ରହୁଛି। ରଣପୁର ଏନ୍‌ଏସିରେ ଏଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏଠାରେ ମାସ ମାସ ଧରି ଅଳିଆ ଉଠୁ ନ ଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ପୁଣି ସଫା କରାଯିବା ପାଇଁ କିଣା ଯାଇଥିବା ସାମଗ୍ରୀ ବ୍ୟବହାର ହେଉ ନ ଥିବାରୁ ତାହା କାର୍ଯ୍ୟାଳୟ ପରିସରରେ ପଡିରହି ନଷ୍ଟ ହେବାକୁ ବସିଲାଣି।

୧୫ ୱାର୍ଡକୁ ନେଇ ଗଠିତ ରଣପୁର ଏନ୍‌ଏସି। ଏହିସବୁ ୱାର୍ଡରେ ରାସ୍ତାଘାଟ ସଫାସୁତୁରା ପାଇଁ କାର୍ଯ୍ୟାଳୟ ତରଫରୁ ୪୨ଜଣ ସୁଇପର୍‌ଙ୍କୁ ଠିକାଦାର ମାଧ୍ୟମରେ ନିୟୋଜିତ କରାଯାଇଛି। ସଫେଇ କାର୍ଯ୍ୟ କରାଯିବା ପାଇଁ ପ୍ରତ୍ୟେକ ମାସରେ ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେଉଥିଲା। କିଛିମାସ ହେବ ଏହାକୁ ବଢାଯାଇ ୪ଲକ୍ଷ ଟଙ୍କା କରାଯାଇଛି। ହେଲେ ଏହି ଟଙ୍କା ସଫେଇ କାର୍ଯ୍ୟରେ ବିନିଯୋଗ କରା ନ ଯାଇ ହାତ ଗଣତି କିଛି ସୁଇପରଙ୍କୁ ରଖାଯାଇ ବିଭାଗୀୟ କର୍ମଚାରୀ ଓ ରାଜନେତା ଏହାର ଫାଇଦା ଉଠାଉଥିବା କିଛି କାଉନ୍‌ସିଲର ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ମଙ୍ଗଳବାର ଏଠାରେ ନିଆରା ପଞ୍ଚୁଦୋଳ ଯାତ୍ରା ଅନୁଷ୍ଠିତ ହେବାକୁ ଥିବାବେଳେ ଅଧିକାଂଶ ୱାର୍ଡରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ରହିଛି। ରଣପୁର ମୁଖ୍ୟ ରାସ୍ତା ଓ ବିଭିନ୍ନ ୱାର୍ଡରେ ଦୀର୍ଘ ଦିନ ହେଲା ସଫେଇ ହୋଇ ନ ଥିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। କାର୍ଯ୍ୟାଳୟ ତରଫରୁ ପ୍ରତ୍ୟେକ ୱାର୍ଡ ଓ ରାସ୍ତାରେ ଡଷ୍ଟବିନ୍ ରଖାଯାଇଥିଲେ ମଧ୍ୟ ସେଗୁଡିକରେ ଅଳିଆ ପୂର୍ଣ୍ଣ ହୋଇ ମାସ ମାସ ଧରି ପଡିରହିଛି। ଏହାକୁ ନିଆଯାଇ ଅନ୍ୟତ୍ର ପକାଯାଉ ନାହିଁ। ସେହିପରି ୱାର୍ଡବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉ ନାହିଁ। ଅନ୍ୟପଟେ ମଇଳା ଉଠାଇବା ପାଇଁ ଏକ ଗାଡି କାର୍ଯ୍ୟାଳୟ ପରିସରରେ ଦୀର୍ଘ ମାସ ହେବ ପଡି ରହିଥିବା ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଅର୍ଚ୍ଚନା ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଠିକାଦାର ମାଧ୍ୟମରେ ୪୨ଜଣଙ୍କୁ ସଫେଇ କାର୍ଯ୍ୟରେ ନିୟୋଜିତ କରାଯାଇଛି। ହେଲେ ଗୋଟିଏ ଟ୍ରାକ୍ଟର ଥିବାରୁ ଠିକ୍ ସମୟରେ ବିଭିନ୍ନ ସ୍ଥାନରୁ ଅଳିଆ ଉଠାଯାଇ ସ୍ଥାନାନ୍ତର କରାଯାଇପାରୁନାହିଁ। ଆଉ ଗୋଟିଏ ଟ୍ରାକ୍ଟର ନିୟୋଜିତ ହେଲେ ଏହି କାର୍ଯ୍ୟ ଠିକ୍‌ରେ ହୋଇପାରିବ।



ରଣପୁର ମୁଖ୍ୟ ରାସ୍ତାକଡ଼ରେ ପଡ଼ିଥିବା ଅଳିଆ।

**ରଣପୁର ଏନ୍‌ଏସି**